## ସଂକ୍ଷେପରେ

### ବଜ୍ରପାତରେ ବାଳିକା ମୃତ

**ବେଲପଡ଼ା,୨୦।୬(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ଥାନା ସରମୁହାଣ ଗାଁର ଜଣେ ବାଳିକାଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ଦୟାନିଧି ଧରୁଆଙ୍କ ଝିଅ ଜାହ୍ନବୀ(୧୬)। ଜାହ୍ନବୀ ଓ ମା'ଙ୍କ ସହ ଗୁରୁବାର ସକାଳେ କ୍ଷେତରୁ କାମ ସାରି ଘରକୁ ଫେରିବାବେଳେ ସରମୁହାଣ ହାଇସ୍କୁଲର ନିକଟରେ ଘଡଘଡି ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ଜାହ୍ନବୀ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ପରିବାର ଲୋକେ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବେଲପଡା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସରୁନି ବ୍ରିଜ ମରାମତି କାମ

## ଟ୍ରାଫିକ ବିପର୍ଯ୍ୟସ୍ତ, ବଢୁଛି ଅସନ୍ତୋଷ

**ଲୋଇସିଂହା,୨୦।୬(ସୁଶାନ୍ତ ବାରିକ)**


ଲୋଇସିଂହା ଓ ପୁଇନ୍ତଲା ଥାନା ଅନ୍ତର୍ଗତ ଫାସଡ ବ୍ରିଜ୍ ଉପରେ ଟ୍ରାଫିକ ଜାମ୍ ହୋଇଛି।

ବଲାଙ୍ଗୀର-ବରଗଡ଼ ୨୬ନଂ. ଜାତୀୟ ରାଜପଥ ଲୋଇସିଂହା ଓ ପୁଇନ୍ତଲା ଥାନା ଅନ୍ତର୍ଗତ ଫାସଡ ବ୍ରିଜ ମରାମତି କାମ ସରୁନି। ମରାମତି ଯୋଗୁ ବ୍ରିଜରେ ୱାନ ୱେ ବ୍ୟବସ୍ଥା ରହିଛି। ଫଳରେ ଅନେକ ସମୟରେ ବ୍ରିଜ ପରିସରରେ ଟ୍ରାଫିକ ବିପର୍ଯ୍ୟସ୍ତ ହୋଇପଡୁଛି। ବୁଧବାର ସନ୍ଧ୍ୟାରେ ଉଭୟ ପଟରୁ ଯାନବାହନ ବ୍ରିଜ ମଧ୍ୟକୁ ପଶିଆସି ଜାମ ହୋଇଯାଇଥିଲା। ସେଠାରେ ପ୍ରଶାସନ ପକ୍ଷରୁ ନିୟନ୍ତ୍ରଣ କରିବାକୁ କେହି ନ ଥିବାରୁ ଟ୍ରାଫିକ ବିପର୍ଯ୍ୟସ୍ତ ହୋଇପଡିଥିଲା। ଏହାକୁ ନେଇ ରାଜପଥ ଯାତ୍ରୀଙ୍କ ମଧ୍ୟରେ ହୋ ହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରକାଶ ଯେ, ଫାସଡରେ ସୁକତେଲ ନଦୀ ଉପରେ ବ୍ରିଜ ହୋଇଛି। ନିମ୍ନମାନର କାମ ଏବଂ ରକ୍ଷଣାବେକ୍ଷଣ ଅଭାବରୁ ବ୍ରିଜ ଉପର ଭାଗ ଶୋଚନୀୟ ହୋଇପଡ଼ିଛି। ଅନେକ ସ୍ଥାନରେ ଗର୍ତ୍ତ ସାଙ୍ଗକୁ ରଡ୍ ଦେଖାଯାଉଛି। ଏହାବ୍ୟତୀତ ବ୍ରିଜ ସ୍ଲାବ ଜଏଣ୍ଟ ସ୍ଥାନରେ ଏବେ ନୂତନ ଆଙ୍ଗଲ ଲଗାଯାଇଛି। ବଲାଙ୍ଗୀର ପଟରୁ ଆସିଲା ବେଳେ ବାମପାର୍ଶ୍ୱ କାମ ସରଛି। ଡାହାଣପଟ କାମ ଚାଲିଛି। ଏଠାରେ ରାତି ବେଳା ପରିଚାଳନା ପାଇଁ କେହି ରହୁ ନ ଥିବାରୁ ବ୍ୟସ୍ତବହୁଳ ରାସ୍ତାର ବ୍ରିଜ ଉପରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେଉଛି। ଦିନବେଳା ମଧ ଯାତ୍ରୀମାନେ ବ୍ରିଜର ଉଭୟ ପଟରେ ଦୀର୍ଘସମୟ ଅପେକ୍ଷା କରିବାକୁ ପଡୁଛି। ମାସାଧିକ କାଳ ମରାମତି କାମ ସରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ସିକଲ୍‌ସେଲ ରୋଗ ସମ୍ପର୍କିତ କର୍ମଶାଳା


କର୍ମଶାଳାରେ ମଞ୍ଚାସୀନ ଅତିଥି।

**ମୁରିବାହାଲ,୨୦।୬(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହରେ ଗୁରୁବାର ସିକିଲ୍ ସେଲ ରୋଗ ସମ୍ପର୍କିତ ପାକ୍ଷିକ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରମେଶ କୁମାର ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ସିକିଲ୍ ସେଲ ରୋଗର କାରଣ, ଲକ୍ଷଣ, ନିରାକରଣ, ସଚେତନତା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାଶିଷ୍ଟ ମାନସ ରଞ୍ଜନ ଦଳାଇ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉକ୍ତ ରୋଗ ପାଇଁ ସତର୍କ ରହିବା, ନିରୋଗୀ ହେବା ଓ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଶିବିର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଛନ୍ଦାଚରଣ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧାପକ ପୂର୍ଣ୍ଣଚନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଙ୍ଗନୱାଡ଼ି କେନ୍ଦ୍ର ଅଧାପନ୍ତରିଆ

**ମୁରିବାହାଲ,୨୦।୬(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଣାବାହାଲ ପଞ୍ଚାୟତ ଅନ୍ତର୍ଗତ ସାଲେପଡ଼ା ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ଅଧାପନ୍ତରିଆଭାବେ ପଡି ରହିଛି। ଫଳରେ କେନ୍ଦ୍ର ଅଧୀନରେ ଥିବା ୪୦ରୁ ଉର୍ଦ୍ଧ୍ୱ ପିଲାଙ୍କ ପ୍ରି-କ୍ଲାସ ପାଇଁ ଅସୁବିଧା ହେଉଛି। ଏ ନେଇ ଗ୍ରାମର ବହୁ ଲୋକେ ଗୁରୁବାର ବିଡିଓଙ୍କୁ ଫେରାଦ ହୋଇଥିଲେ। ଅଭିଯୋଗ କରିବା ସମୟରେ ଗ୍ରାମର ବୀମଲା କୁମ୍ଭାର,ବୟେଦେଇ ସଗରିଆ, ପଣ୍ଡିତ ବନଛୋର, ସତ୍ୟବାନ ଦୀପ, ନରେନ୍ଦ୍ର ବନଛୋର, ଅନିରୁଦ୍ଧ କଟାର, ଜଗବନ୍ଧୁ ହଂସ, ବାସନ୍ତୀ ନିଆଳ, ମଧୁ ନିଆଳ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ବିଡ଼ିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ଜାଲ୍ ସାର୍ଟିଫିକେଟରେ ଚାକିରି: ଶିକ୍ଷକ ଗିରଫ

**ବଲାଙ୍ଗୀର,୨୦।୬(ବୀରେନ୍ଦ୍ର କୁମାର ଝାଙ୍କର)**


ଗିରଫ ଶିକ୍ଷକ କମଳ ଲୋଚନ ପଟେଲ।

**ଛାତ୍ରଙ୍କୁ ମାଡ଼ ଅଭିଯୋଗରେ ପୂର୍ବରୁ ନିଲମ୍ବିତ ହୋଇଥିଲେ**

ଜାଲ୍ ସାର୍ଟିଫିକେଟ ଦେଇ ଶିକ୍ଷକତା କରୁଥିବା ଜଣେ ସହକାରୀ ଶିକ୍ଷକଙ୍କୁ ବଲାଙ୍ଗୀର ଟାଉନ୍ ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କମଳ ଲୋଚନ ପଟେଲ। ବଲାଙ୍ଗୀର ସଦର ଥାନା ଘୁଟୁପାଲି ପ୍ରାଥମିକ ବିଦ୍ୟାଳୟରେ ଚାକିରି କରୁଥିବା କମଳ ୨୦୨୩ ଏପ୍ରିଲରେ ଛାତ୍ରଙ୍କୁ ମାଡ ମାରିବା ଘଟଣାରେ ନିଲମ୍ବିତ ହୋଇଥିଲେ। ନିଲମ୍ବନ ପରେ କମଳଙ୍କ ହେଡ୍‌କ୍ୱାର୍ଟର କର୍ଲାପିଟା ଅପ୍‌ଗ୍ରେଡେଡ୍ ହାଇସ୍କୁଲରେ ନିର୍ଦ୍ଧାରିତ କରାଯାଇଥିଲା। ନିଲମ୍ବିତ ଶିକ୍ଷକ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଜଣାପଡିବା ପରେ ବଲାଙ୍ଗୀର ବ୍ଲକ୍ ଶିକ୍ଷା ଅଧିକାରୀ ଲୋକନାଥ ସୁନା ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଟାଉନ୍ ଥାନାରେ କମଳଙ୍କ ବିରୋଧରେ ଆଇପିସି ୪୨୦, ୪୬୮, ୪୭୧ ଧାରାରେ ଏକ ମାମଲା (ନଂ.୪୪୬/୨୪) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। କମଳ ରାଜ୍ୟ ବାହାର ନୋଇଡାରୁ ଯୁକ୍ତ ୨ ଶ୍ରେଣୀର ଜାଲ୍ ସାର୍ଟିଫିକେଟ ଯୋଗାଡ କରିଥିଲେ। ଚାକିରିରେ ପଦୋନ୍ନତି ସକାଶେ ସେ ଜାଲ୍ ମାର୍କଶିଟ୍ ଓ ସାର୍ଟିଫିକେଟ ଯୋଗାଡ କରିଥିବା ଜଣାପଡିଛି। ତାଙ୍କ ବିରୋଧରେ ବିଧିବଦ୍ଧ ଅଭିଯୋଗ ହେବା ପରେ ଟାଉନ୍ ଥାନାର ଏକ ଟିମ୍ ଅଭିଯୁକ୍ତ କମଳଙ୍କୁ ଗିରଫ କରିଥିଲା।

### ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ନିଯୁକ୍ତି ପରେ ପ୍ରସନ୍ନ ଷଡ଼ଙ୍ଗୀଙ୍କୁ ଶୁଭେଚ୍ଛା

**ବଲାଙ୍ଗୀର,୨୦।୬(ବୀରେନ୍ଦ୍ର କୁମାର ଝାଙ୍କର)**

ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ସେବା ବରିଷ୍ଠ ଅଧିକାରୀ ପ୍ରସନ୍ନ କୁମାର ଷଡଙ୍ଗୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଣ୍ଡିଆପଦର ଗ୍ରାମର ମୂଳନିବାସୀ ଷଡଙ୍ଗୀ ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲରୁ ମାଟ୍ରିକ ପାସ କରି ବଲାଙ୍ଗୀର ରାଜେନ୍ଦ୍ର ମହାବିଦ୍ୟାଳୟରୁ ସ୍ନାତକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ୧୯୯୫ରେ ପ୍ରଶାସନିକ ସେବାରେ ଯୋଗଦେଇଥିଲେ। କଳାହାଣ୍ଡି ଜିଲାର ଭବାନୀପାଟଣାଠାରେ ନିଜାରତ ଅଫିସର ଭାବେ ସେ କାର୍ଯ୍ୟାରମ୍ଭ କରିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଭାବେ ସେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ତାଙ୍କୁ ଏବେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ନିଯୁକ୍ତି କରାଯାଇଛି। ଏହି ନିଯୁକ୍ତି ପରେ ବଲାଙ୍ଗୀର ସହରର ବୁଦ୍ଧିଜୀବୀ ଓ ମାଣ୍ଡିଆପଦର ଗ୍ରାମବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ପ୍ରସନ୍ନ କୁମାର ଷଡଙ୍ଗୀ।

# ସପ୍ତାହେ ହେଲା କୁକୁର ମୁହଁରେ ପଶିଛି ପ୍ଲାଷ୍ଟିକ ଡବା


କୁକୁର ମୁହଁରେ ଡବା ପଶିଛି।

**ଲୋଇସିଂହା,୨୦।୬(ସୁଶାନ୍ତ ବାରିକ)**

ଏକ ବୁଲା କୁକୁର ମୁହଁରେ ପ୍ଲାଷ୍ଟିକ ଡବା ପଶି ଯାଇଛି। ଏଭଳି ଏକ ଦୃଶ୍ୟ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ନଅଗାଁ (ଖ)ରେ ଦେଖିବାକୁ ମିଳିଛି। ସପ୍ତାହେ ହେଲା କୁକୁର ମୁହଁରୁ ଡବା କଢ଼ାଯାଇ ପାରିନାହିଁ। ଡବା କାଢ଼ିବାକୁ ଉଦ୍ୟମ କରି ଗ୍ରାମର ଯୁବଗୋଷ୍ଠୀ ବିଫଳ ହୋଇଥିଲେ। ଫଳରେ କୁକୁରଟି ନ ଖାଇ ନ ପିଇ ହାଲିଆ ହୋଇପଡିବା ସହ ଗ୍ରାମ ଚତୁଃପାର୍ଶ୍ୱରେ ଚକ୍କର୍ କାଟୁଛି। ବିଭିନ୍ନ କାମରେ ପଦାକୁ ବାହାରୁଥିବା ମହିଳାମାନେ କୁକୁରକୁ ଦେଖି ଭୟଭୀତ ହୋଇ ପଡିଛନ୍ତି। ମୁହଁରୁ ଡବା ବାହାରିଲେ ଆକ୍ରମଣ ଚିନ୍ତା ଘାରିଥିବା କେତେକ ମହିଳା କହିଛନ୍ତି। ଅଳିଆ ଗଦାରୁ ଖାଦ୍ୟ ଅନ୍ୱେଷଣ ବେଳେ ଉକ୍ତ ବୁଲା କୁକୁର ମୁହଁରେ ଏହି ଡବା ପଶିଯାଇଥିବା ଜଣା ପଡ଼ିଛି। ସ୍ଥାନୀୟ ପ୍ରାଣୀ ସମ୍ପଦ, ବନ ବିଭାଗ ଓ ଅଗ୍ନିଶମ ବାହିନୀ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

# ବଜ୍ରପାତରେ ଟ୍ରାନ୍ସଫର୍ମର ପୋଡ଼ି

**୧୦ଦିନ ହେଲା ବର୍ଲା ଚଣ୍ଡିପଡ଼ା ଅନ୍ଧାରରେ**

**କଣ୍ଟାବାଞ୍ଜି,୨୦।୬(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଘୁନେଶ ପଞ୍ଚାୟତ ବର୍ଲା ଗ୍ରାମ ଚଣ୍ଡିପଡାସ୍ଥିତ ୧୦କେଭି ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବାରୁ ଗ୍ରାମବାସୀ ଅନ୍ଧାରରେ ରହୁଥିବା ଜଣାପଡିଛି। ଗ୍ରାମରେ ଟ୍ରାନ୍ସଫର୍ମର ଲଗାଇବା ପାଇଁ ତୁରେକେଲା ସେକ୍ସନାଲ ଅଫିସର ଏବଂ କଣ୍ଟାବାଞ୍ଜି ସବ୍‌ଡିଭିଜନାଲ ଅଫିସରଙ୍କୁ ଗ୍ରାମବାସୀ ବୁଧବାର ଲିଖିତ ଜଣାଇଥିବା ସୂଚନା ମିଳିଛି। ବର୍ଲା ଗ୍ରାମର ଚଣ୍ଡିପଡାରେ ଲାଗିଥିବା ୧୦ କେଭି. ଟ୍ରାନ୍ସଫର୍ମର ଗତ ୧୦।୬।୨୦୨୪ରେ କାଳବୈଶାଖି ବର୍ଷା ଓ ଘଡ଼ଘଡି ଯୋଗୁ ପୋଡ଼ିଯାଇଛି। ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବାରୁ ଗ୍ରାମବାସୀ ଅନ୍ଧାରରେ ରହୁଛନ୍ତି। ବର୍ଲା ଗ୍ରାମ ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାବେଳେ ଗ୍ରାମର ଚତୁଃପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ରହିଛି। ଗ୍ରାମର ଜନସାଧାରଣ ଚଳିତ ପ୍ରବଳ ଗ୍ରୀଷ୍ମର ଟାଣଖରାରେ ବିଦ୍ୟୁତ୍ ବିଛିନ୍ନ ଥିବାବେଳେ ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏପରିକି ନିକଟସ୍ଥ ଘଞ୍ଚ ଜଙ୍ଗଲରୁ ବନ୍ୟ ପ୍ରାଣୀ ମଧ ଅବାଧରେ ଗାଁ ଭିତରକୁ ପଶି ଆସୁଛନ୍ତି। ଗ୍ରାମର ଜନସାଧାରଣ ୧୦ ଦିନ ବିଦ୍ୟୁତ୍ ସଂଯୋଗରୁ ବିଛିନ୍ନ ଥିବାରୁ ବୁଧବାର ୱାର୍ଡ ମେମ୍ବର କୈଳାସ ବରିହାଙ୍କ ନେତୃତ୍ୱରେ କଣ୍ଟାବାଞ୍ଜିସ୍ଥିତ ତୁରେକେଲା ସେକ୍ସନାଲ ଅଫିସର ଏବଂ ସବ୍‌ଡିଭିଜିନାଲ ଅଫିସରଙ୍କୁ ଯଥାଶୀଘ୍ର ଟ୍ରାନ୍ସଫର୍ମର ଲଗାଇବା ନେଇ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ଉପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଏହି ଦାବିପତ୍ର ଦେବାବେଳେ ଗ୍ରାମର ଭୋଦେବ ବାଗ, ଧବଳେଶ୍ୱର ସେଲମା, ନାମାଞ୍ଜ ସେଲମା, ରିଙ୍କୁ ବାଗ, କୁମର ବାଗ, ଦିବାକର ବାଗ, ମକୁନ୍ଦ ବାଗ, ମକରଧ୍ୱଜ ନିଆଲ, ସୁରେଶ ଶବର, ପିତାମ୍ବର ଠେଲା ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ରାସ୍ତା କାମରେ ନିୟୋଜିତ ଶ୍ରମିକଙ୍କ ମୃତ୍ୟୁ

**ବେଲପଡ଼ା,୨୦।୬(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ମୁଣ୍ଡୋଦରୋ ଛକରୁ ମଣ୍ଡଳ ପର୍ଯ୍ୟନ୍ତ ବିଡବ୍ଲୁଡି ରାସ୍ତା କାମରେ ନିୟୋଜିତ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପାଟଣାଗଡ଼ ଥାନା ବାଞ୍ଜିଖାଲ ଗ୍ରାମର ଆଲୋକ ବରିହା (୨୦)। ସୂଚନାଯୋଗ୍ୟ ଯେ ମୁଣ୍ଡୋଦରୋ ଛକରୁ ମଣ୍ଡଳ ପର୍ଯ୍ୟନ୍ତ ରାସ୍ତା କାମ ଚାଲୁଛି। ରାସ୍ତାର ଡେବ୍ରିପାଲି ଛକରେ ଚାଲୁଥିବା କାମରେ ରୋଡ ରୋଲର ନିୟୋଜିତ ହୋଇଛି। ଆଲୋକ ଗାଡି ସମ୍ମୁଖରେ ଶୋଇଥିବାବେଳେ ରୋଡ ରୋଲର୍ ଚଢ଼ିଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଏକ ପିକ୍‌ଅପ ଯୋଗେ ଆଲୋକଙ୍କୁ ବେଲପଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବେଲପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଲାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ ମୃତକଙ୍କ ପରିବାର ଲୋକ କୌଣସି ଲିଖିତ ଅଭିଯୋଗ କରି ନ ଥିବା ଜଣାପଡିଛି।

# ବାଲାଜୀ ଟାୟାର୍ସରେ ଜିଏସ୍‌ଟି ଚଢ଼ାଉ


ଅଫିସରେ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

**ଟିଟିଲାଗଡ,୨୦।୬(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରର ରଘୁନାଥ ପଡାସ୍ଥିତ ଗଜାନନ ଅଗ୍ରୱାଲ ଓ ତାଙ୍କ ପୁଅ ରୋହିତ ଅଗ୍ରୱାଲଙ୍କ ବାଲାଜୀ ଟାୟାର୍ସ ଅଫିସ ତଥା ଗୋଦାମ ଉପରେ ଗୁରୁବାର ଜିଏସ୍‌ଟି ବିଭାଗ ଚଢ଼ାଉ କରିଛି। ପୂର୍ବରୁ ରାଜ୍ୟ ଜିଏସ୍‌ଟି ଟିମ୍ ଚଢ଼ାଉ କରିଥିବା ବେଳେ ଗୁରୁବାର ଜିଏସ୍‌ଟି ଡାଇରେକ୍ଟର ଜେନେରାଲ ଅଫ ଇଣ୍ଟେଲିଜେନ୍ସ ଇଣ୍ଡିଆର ଏକ ୬ ଜଣିଆ ଟିମ୍ ଚଢ଼ାଉରେ ସାମିଲ ହୋଇଛନ୍ତି । ଗଜାନନଙ୍କ ପରିବାରର ସିମେଣ୍ଟ ଓ ଟାୟାର ବ୍ୟବସାୟ ରହିଥିବା ବେଳେ ଜିଏସ୍‌ଟିରେ ବ୍ୟାପକ ଅନିୟମିତତା ନେଇ ବାରମ୍ବାର ଚଢ଼ାଉ ଚାଲିଥିବା ଜଣାଯାଇଛି। ବିଭାଗର ରାଉରକେଲା କାର୍ଯ୍ୟାଳୟର ଅଧିକାରୀ ସହ ପୋଲିସ ଏହି ଚଢ଼ାଉରେ ସାମିଲ ହୋଇଛି।

### ସିକଲ୍‌ସେଲ୍ ସଚେତନତା କାର୍ଯ୍ୟକ୍ରମ

**ଲୋଇସିଂହା,୨୦।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜରେ ଜାତୀୟ ସେବା ଯୋଜାନ ତରଫରୁ ବିଶ୍ୱ ସିକଲ୍‌ସେଲ୍ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହା ଜୁଲାଇ ୩ ପର୍ଯ୍ୟନ୍ତ ଜାରିରହିବ। ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧକ୍ଷ ଗୋବିନ୍ଦ ସାହୁ ଅଧକ୍ଷତା କରିଥିଲେ। ଏଥିରେ ପ୍ରାଧ୍ୟାପକ ବିବେକେନନ୍ଦ ମିଶ୍ର, ସନ୍ତୋଷ କୁମାର ମେହେର, ଅଧ୍ୟାପିକା ଶାନ୍ତିପ୍ରିୟା ଯୋଗଦେଇ ସିକଲ୍‌ସେଲ୍‌ର ନିରାକରଣ ଉପରେ ମତବ୍ୟକ୍ତ କରିଥିଲେ। ସେହିପରି ବିଶ୍ୱ ଯୋଗଦିବସ ଅବ୍ୟବହିତ ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ସନ୍ତୋଷ ଦାଶଙ୍କ ତତ୍ତ୍ୱାବଧାନରେ ଅନୁପ ଖମାରୀ ଓ ଜଗମୋହନ ଦର୍ଜି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଅନିୟମିତତା ଅଭିଯୋଗ


ଏପିଓ ପ୍ରଶାନ୍ତ କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଖପ୍ରାଖୋଲ,୨୦।୬(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତ ଅନ୍ତର୍ଗତ ପାଚେର ଗାଁରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଜିଏସ୍) କାମରେ ଅନିୟମିତତା ହୋଇଛି। ଏ ନେଇ ଗ୍ରାମର ଅଣକୁଶଳୀ ଶ୍ରମିକ ଓ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଆସି ଗୁରୁବାର ଅଭିଯୋଗ କରିଛନ୍ତି। ଗାଁର ଦୁଇଟି ପୋଖରୀର ମାଟି ଉନ୍ନତୀକରଣ କାମରେ ଅଧିକ ଶ୍ରମିକ କାମ କରୁଥିବା ଦର୍ଶାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଘଟଣାର ତଦନ୍ତ ସହ ଗାଁ ସାଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠା ନ ଗ୍ରହଣ କରିବାକୁ ତୁଲ ରଣା, ବାଳଗୋବିନ୍ଦ ସେଠ, ଦିନେଶ ଠାକୁର, ଭବାନୀ ସେଠ, ଶିବ ସାହୁ ପ୍ରମୁଖ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଖପ୍ରାଖୋଲ ବ୍ଲକ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏପିଓ ପ୍ରଶାନ୍ତ କୁମାର ସାହୁଙ୍କୁ ପଚାରିବାରୁ ଅଭିଯୋଗ ପାଇଛୁ, ୪ଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ନାତି ଠେଙ୍ଗା ମାଡ଼ରେ ଜେଜେ ମା'ଙ୍କ ମୃତ୍ୟୁ ଘଟଣା, ଜେଲଗଲେ ଅଭିଯୁକ୍ତ

**ବେଲପଡ଼ା,୨୦।୬(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ଥାନା ଭାଲୁଖାଇ ଗ୍ରାମରେ ମଙ୍ଗଳବାର ନାତି ଠେଙ୍ଗା ମାଡ଼ରେ ଜେଜେମା ଯୁଗ ଭୁଏଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାର ପୋଲିସ ନାତି ଅଭିଯୁକ୍ତ ରାଜ ଭୁଏ (୨୩)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମଙ୍ଗଳବାର ମୃତକ ଯୁଗ ଭୁଏ ଭରୁଆପାଲି ସାପ୍ତାହିକ ବଜାରରୁ ସଉଦା କିଣି ଘରକୁ ଫେରିଥିଲେ। ଏହି ସମୟରେ ନାତି ରାଜ ହାତଖର୍ଚ୍ଚ ପାଇଁ ଜେଜେମାଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ରାଗରେ ରାଜ ଏକ ଠେଙ୍ଗାରେ ଜେଜେମାଙ୍କ କାନମୂଳକୁ ପିଟି ଦେଇଥିଲେ। ଚିତ୍କାର କରି ଜେଜେମା' ତଳେ ପଡିଯିବା ପରେ ରାଜ ସେଠାରୁ ଖସି ପଳାଇ ଯାଇଥିଲେ। ଗ୍ରାମବାସୀଙ୍କ ଅଭିଯୁକ୍ତଙ୍କୁ ଗାଁରୁ ପ୍ରାୟ ୪ କି.ମି ପର୍ଯ୍ୟନ୍ତ ଗୋଡାଇ ଧରି ପୋଲିସ ଜିମା ଦେଇଥିଲେ। ପଚରାଉଚରା ବେଳେ ଟଙ୍କା ନଦେବାରୁ ମା'ଙ୍କୁ ମାରିଦେଲି ବୋଲି ଅଭିଯୁକ୍ତ କହିଥିବା ପୋଲିସ କହିଛି।

# ମେଡିକାଲ କଲେଜ ହସ୍ପିଟାଲ କ୍ୟାମ୍ପସରୁ ବାଇକ୍ ଚୋରି

**ବଲାଙ୍ଗୀର,୨୦।୬(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ କ୍ୟାମ୍ପସ ଭିତରୁ ବାଇକ୍ ଚୋରି ସାଧାରଣ କଥାରେ ପରିଣତ ହେଲାଣି। ଏଠି ବାଇକ୍ ଚୋରି ରାକେଟ୍ ସକ୍ରିୟ ଥିବାବେଳେ ବାଇକ୍‌ରେ ରୋଗୀଙ୍କୁ ଆଣି ହସ୍ପିଟାଲ ଆସୁଥିବା ପରିଜନ ହନ୍ତସନ୍ତ ହେଉଛନ୍ତି। ଗୁରୁବାର ସକାଳ ୮ଟାରେ ହସ୍ପିଟାଲକୁ ଆସିଥିବା ପୁଇଁନ୍ତଲା ଥାନା କୁମରିଆ ଗାଁର ସୁରେନ୍ଦ୍ର ଗୁରାଣ୍ଡିଙ୍କ ଗ୍ଲାମର ବାଇକ୍ (ଓଡି୦୩ଏନ୍ ୩୩୮୭) ଚୋରି ହୋଇଯାଇଛି। ସୁରେନ୍ଦ୍ର ତାଙ୍କ ବାଇକ୍‌ରେ ସମ୍ପର୍କୀୟ ଭାଇଙ୍କୁ ନେଇ ହସ୍ପିଟାଲକୁ ଆସିଥିଲେ। ଭାଇ ଓ ସେ ହସ୍ପିଟାଲ ପାର୍କିଂ ସ୍ଥାନରେ ବାଇକ୍ ରଖିଦେଇ ଚର୍ମ ରୋଗ ବିଭାଗ ଓପିଡିକୁ ଯାଇଥିଲେ। ଭାଇଙ୍କୁ ଚର୍ମରୋଗ ଓପିଡିରେ ଛାଡିଦେଇ ଆସିବା ବେଳେ ଆଉ ବାଇକ୍ ନ ଥିଲା। ଏନେଇ ସୁରେନ୍ଦ୍ର ହସ୍ପିଟାଲ ଭିତରେ ଥିବା ପୋଲିସ ଫାଣ୍ଡିରେ ପ୍ରଥମେ ଅଭିଯୋଗ କରିଥିଲେ। ଏହାପରେ ଟାଉନ୍ ଥାନାକୁ ଆସି ଅଭିଯୋଗ କରିଥିଲେ। ସୁରେନ୍ଦ୍ର କହିଛନ୍ତି ଯେ, ଗାଁ ଗହଳରୁ ବିଭିନ୍ନ ରୋଗ ସମସ୍ୟାରେ ଥିବା ଲୋକମାନେ ଚିକିତ୍ସା ପାଇଁ ଆସୁଥିବାବେଳେ ହସ୍ପିଟାଲ ଭିତରେ ସକ୍ରିୟ ବାଇକ୍ ଚୋର ହାବୁଡରେ ପଡୁଛନ୍ତି। ହସ୍ପିଟାଲ ଭିତରେ ପୋଲିସ ଫାଣ୍ଡି ରହିଛି। ଏଭଳି କି ବିଭିନ୍ନ ସ୍ଥାନରେ ସୁରକ୍ଷା କର୍ମୀ ନିୟୋଜିତ କରାଯାଇଛି। ଏହାସତ୍ତ୍ୱେ ଏଠାରେ ବାଇକ୍ ଚୋର ସକ୍ରିୟ ରହିବା ଦୁର୍ଭାଗ୍ୟଜନକ ବୋଲି ସୁରେନ୍ଦ୍ର କହିଛନ୍ତି। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ ପୋଲିସ ଓ ହସ୍ପିଟାଲ କର୍ତ୍ତୃପକ୍ଷ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**ବେଲପଡା,୨୦।୬(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ସଲଣ୍ଡି ଗ୍ରାମର ମାୟାଧର ଖମାରୀ(୭୮)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି । ସେ କଣ୍ଟାବାଞ୍ଜି ଅଞ୍ଚଳର ବିଭିନ୍ନ ସ୍କୁଲରେ ଶିକ୍ଷକତା କରିଥିଲେ। ଖମାରୀ ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ବଡ଼ଭାଇ ଈଶ୍ୱର ଚନ୍ଦ୍ର ଖମାରୀ, ପୁଅ ସତ୍ୟଜିତ ଖମାରୀ ଓ ବିଶ୍ୱଜିତ ଖମାରୀ ଉପସ୍ଥିତ ଥିଲେ।

# ଶିଶୁ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ

**ଭବାନୀପାଟଣା,୨୦।୬ (ଉତ୍ତମ କୁମାର ଦାଶ)**

ଭବାନୀପାଟଣାଠାରେ ଗୁରୁବାର ଶିଶୁ ଓ କିଶୋର ଶ୍ରମିକ ଆଇନ ଅନୁଯାୟୀ ଶିଶୁ ଶ୍ରମିକ ସଚେତନତା ରଥ ଜିଲା ପ୍ରଶାସନ ପକ୍ଷରୁ ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ସବୁଜ ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ରଥଟି ଶିଶୁ ଓ କିଶୋର ଶ୍ରମିକ ନିବାରଣ ଓ ନିୟନ୍ତ୍ରଣ ଆଇନ ଅନୁଯାୟୀ ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୋଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ,୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାମରେ ନିୟୋଜିତ ନ କରିବା ନେଇ ଜିଲାର ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ଓ ସମସ୍ତ ବ୍ଲକ ମୁଖ୍ୟାଳୟକୁ ପରିଭ୍ରମଣ କରି ସଚେତନ କରାଇବ। ରଥ ଶୁଭାରମ୍ଭ ସମୟରେ ଜିଲା ଶ୍ରମ ଅଧିକାରୀ ସୁବାସ ଚନ୍ଦ୍ର ମଣ୍ଡଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶେଖର ମହାପାତ୍ର, ଭାରପ୍ରାପ୍ତ ସୁରକ୍ଷା ଅଧିକାରୀ (ଆନୁଷ୍ଠାନିକ ଯତ୍ନ) ଅଂଶୁମାନ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳ ଶିଶୁ ଶ୍ରମିକ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

## ସଂକ୍ଷେପରେ

### ବିନିକା ଧରିତ୍ରୀ ଖବରଦାତାଙ୍କ ମାତୃ ବିୟୋଗ



ଦିଲେଶ୍ୱରୀ ବାଘ।

ବିନିକା,୨୦।୬(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଧରିତ୍ରୀ ଖବରଦାତା ରାମ ଗୋପାଳ ବାଘଙ୍କ ମାତା ଦିଲେଶ୍ୱରୀ ବାଘ(୮୫)ଙ୍କ ବୁଧବାର ତାଙ୍କ ଉର୍ଲେ ବାସଭବନରେ ପରଲୋକ ହୋଇଯାଇଛି। ଗତ କିଛିଦିନ ହେଲାସେ ବୁର୍ଲା ଭିମସାରରେ ଚିକିତ୍ସାଧୀନ ଥିଲେ। ସେ ଗତ ପାଞ୍ଚଦଶନ୍ଧି ଧରି ମହିମା ଧର୍ମ ପ୍ରଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ବିୟୋଗ ଖବର ପାଇ ବହୁ ମହିମା ଧର୍ମାବଲମ୍ବୀ ଉର୍ଲେ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ। ମହିମା ଧର୍ମର ନୀତି ଅନୁଯାଇ ଉର୍ଲେ କଇରାପାଲିଠାରେ ସମାଧି ଦିଆଯାଇଛି। ବଡ଼ପୁଅ ଖବରଦାତା ରାମ ଗୋପାଳ ବାଘ ସମାଧି ଦେଇଥିଲେ। ଏହି ସମୟରେ ଚାରି ଝିଅପୁଅ, ନାତି ନାତୁଣୀ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ।

# ଜମି ମାପ କଲା ରାଜସ୍ୱ ପ୍ରଶାସନ

ଅମରପାଲି,୨୦।୬(ପୀତାମ୍ବର ସାହୁ)



ଗ୍ରାମବାସୀଙ୍କ ଉପସ୍ଥିତିରେ ତହସିଲ ଅଫିସ କର୍ମଚାରୀ ଜମି ମାପଚୁପ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି-ଗୁଦଗୁଦା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଏକ ସ୍ଥାନରେ ଜନୈକ ବ୍ୟକ୍ତି ବାଡା ଦେଇ ଅବରୋଧ କରିଥିଲେ। ଫଳରେ ଗୁଦଗୁଦାକୁ ଗତ ମାର୍ଚ୍ଚ ୨୬ତାରିଖରୁ ରାସ୍ତା ବନ୍ଦ ରହିଛି। ଏନେଇ ଧରିତ୍ରୀରେ ଏକାଧିକ ଖବର ପ୍ରକାଶ ପାଇଥିଲା। ତେବେ ଗତ ୧୭ ତାରିଖରେ ସମାଧାନର ବାଟ ଫିଟୁନି, ପ୍ରଶାସନ ନୀରବ ଶୀର୍ଷକ ଖବର ଦୈନିକ ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନ ତତ୍ପରତା ହୋଇଥିଲା। ବୀରମହାରାଜପୁର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଏକ ତଦନ୍ତକାରୀ ଦଳ ଗୁରୁବାର ଘଟଣାସ୍ଥଳକୁ ଆସି ସ୍ଥିତି ନିରୀକ୍ଷଣ କରିଛନ୍ତି। ସୁପରଭାଇଜର ପ୍ରେମାଞ୍ଜଳି ଦଣ୍ଡସେନା, କେନଝିରିଆପାଲି ରାଜସ୍ୱ ନିରୀକ୍ଷକ ଯୁଗଳ କିଶୋର ମହାକୁର, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ବିଜୟ କୁମାର ବାରା, କୋର୍ଟ ଅମିନ ମାନସ ରଞ୍ଜନ ହୋତା, ହରିହର ଯୋର(ଠେଙ୍ଗୋଡ୍ୟାମ) ଫାଣ୍ଡି ଅଧିକାରୀ ବିଭୁନ୍ଦ୍ର ବରାଳ ଘଟଣାସ୍ଥଳକୁ ଆସି ଥିଲେ। ସେମାନେ ଗୁଦଗୁଦା ଗ୍ରାମବାସୀ ଓ ବାଡା ଦେଇଥିବା ବ୍ୟକ୍ତିଙ୍କ ସହିତ ଆଲୋଚନା କରିଥିଲେ। ନିର୍ମାଣାଧୀନ ରାସ୍ତାର କିଛି ଅଂଶ ନିଜର ରୟତି ଜମି ଥିବା ବାଡା ଦେଇଥିବା ବ୍ୟକ୍ତି ବାଳମୁକୁନ୍ଦ ସେଠୀ ପ୍ରକାଶ କରିଥିଲେ। ତେବେ ତହସିଲରୁ ଆସିଥିବା କର୍ମଚାରୀମାନେ ସମସ୍ତଙ୍କ

**ଅମରପାଲି-ଗୁଦଗୁଦା ରାସ୍ତାରେ ବାଡା ଦେଇ ଅବରୋଧ ଘଟଣା**

■ଅବିଳମ୍ବେ ସମସ୍ୟା ସମାଧାନ ଦାବି କଲେ ଗ୍ରାମବାସୀ

ଉପସ୍ଥିତିରେ ଉକ୍ତ ରାସ୍ତାର ଡିମାର୍କେଶନ କରିଥିଲେ। ତେବେ ରାସ୍ତାର କିଛି ଅଂଶ ଜମି ଅବରୋଧକାରୀଙ୍କ ରୟତି ଜମି ଥିବା ଜଣାପଡିଲା। ତେବେ ପ୍ରଶାସନ ତରଫରୁ ଆସିଥିବା କର୍ମଚାରୀମାନେ ଏହାର ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଉକ୍ତ ରାସ୍ତା କାହିଁ କେଉଁ ଦିନରୁ ଥିବା ବେଳେ ଅନେକ ସମୟରେ ଏହାର ଉନ୍ନତୀକରଣ ବ୍ଲକ ଓ ପଞ୍ଚାୟତ ତରଫରୁ କରାଯାଇଛି। ତେବେ ଏବେ ଆରଡି ବିଭାଗ ତରଫରୁ ନୂତନ ରାସ୍ତା କାମ ହେଉଛି। ମାତ୍ର ଗତ ମାର୍ଚ୍ଚ ୨୬ରୁ ଜଣେ ବ୍ୟକ୍ତି ଏହାକୁ ବାଡ଼ା ଦେଇ ଅବରୋଧ କରିଛନ୍ତି। ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଉଭୟ ବୀରମହାରାଜପୁର ଓ ରେଢ଼ାଖୋଲ ବ୍ଲକର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ଯିବା ଆସିବାରେ ହଇରାଣ ହେଉଛନ୍ତି। ଗ୍ରାମକୁ ଆମ୍ବୁଲାନ୍ସ ମଧ୍ୟ ଯାଇ ପାରୁନାହିଁ। ରୋଗୀଙ୍କୁ ମେଡିକାଲ ନେବାକୁ ହେଲେ ବୋହି କରି ଅମରପାଲି ପର୍ଯ୍ୟନ୍ତ ଆଣିବାକୁ ପଡୁଛି। ଏବେ ସ୍କୁଲ କଲେଜକୁ ଯିବାକୁ ଥିବା ଛାତ୍ରୀଛାତ୍ରମାନେ ଯିବା ଆସିବାରେ ସମସ୍ୟା ହେବ। ତେବେ ଗ୍ରାମବାସୀ ଏହି ରାସ୍ତା ଖୋଲିବାକୁ ନେଇ ବିଭିନ୍ନ ସମୟରେ ବୀରମହାରାଜପୁର ତହସିଲଦାର, ଉପଜିଲାପାଳ ଓ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ କରି ରାସ୍ତା ଖୋଲିବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

ଧରିତ୍ରୀ ପ୍ରଭାବ

# ବୀରମହାରାଜପୁର କଲେଜରେ ରକ୍ତ ଶିକୁଳି ଦିବସ ପାଳିତ

ଅମରପାଲି,୨୦।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜରେ ରକ୍ତ ଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ ଆରମ୍ଭ ହୋଇଛି। କଲେଜ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢୀଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା ସମିତି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଭାବେ ଇଂଲିଶ ବିଭାଗ ମୁଖ୍ୟ ଗୀତାଞ୍ଜଳି ପୂଝାରୀ ଓ ଜୀବବିଜ୍ଞାନ ବିଭାଗ ମୁଖ୍ୟ ସଞ୍ଜିତ କୁମାର ନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ବୀରମହାରାଜପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୟ କୁମାର ମହାପାତ୍ର ଯୋଗଦେଇ ରକ୍ତ ଶିକୁଳି ରୋଗର କାରଣ, ଭୟାବହତା ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ଡ. ପାଢୀ ଅତିଥି ପରିଚୟ ପ୍ରଦାନ, ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।




ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଆଇନ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୨୦।୬( ଅଜିତ କୁମାର ବାରିକ)

ତାଲୁକା ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ଗୁରୁବାର କୋର୍ଟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ତଥା ହରଭଙ୍ଗା ତାଲକୁ ଆଇନ ସେବା କମିଟି ଅଧ୍ୟକ୍ଷ ପ୍ରିତିଶ କୁମାର ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୋକ୍ସ ଆଇନ, ଜେଜେ ଆକ୍ଟ ଓ ପୋକ୍ସ ପିଡିତାଙ୍କୁ ଆଇନରେ ଥିବା କ୍ଷତିପୂରଣ, ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଓ ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ପାୱାର ପଏଣ୍ଟ ମାଧ୍ୟମରେ ମଧ୍ୟ ସଚେତନ କରାଯାଇଥିଲା। ଏହି ସଚେତନତା ଶିବିରରେ ସରକାରୀ ଓକିଲ ଅଜିତ ପରିଡା, ବନମାଳୀ ଦାସ, ଦେବେନ୍ଦ୍ର ନାଏକ, ସୌମ୍ୟରଞ୍ଜନ ପ୍ରଧାନ,ପୁରୁଣାଟକ ଥାନା ଅଧିକାରୀ, ମହିଳା ଓ କୋର୍ଟ କର୍ମଚାରୀ ପ୍ରଭୁଦତ୍ତ ଛତ୍ରିଆ, ସୁମନ୍ତ ପ୍ରଧାନ, ଡେଭଲିନ ପ୍ରିୟଦର୍ଶନୀ, ଶାରଦା ଶୁଚିସ୍ମିତା,ସନ୍ତୋଷ ସାହୁ, ଦ୍ୟୁମ୍ନନାଥ ପାତ୍ର ଉପସ୍ଥିତ ଥିଲେ।

### ଆଜବେଷ୍ଟସ୍ ଶିଟ୍ ଭାଙ୍ଗି ଦୋକାନରୁ ଚୋରି

ଅମରପାଲି,୨୦।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନାରୁ ପ୍ରାୟ ଶହେ ମିଟର ଦୂର ତ୍ରିବେଣୀ ଛକ ନିକଟରେ ଥିବା ଏକ ପୂଜା ସାମଗ୍ରୀ ଦୋକାନରୁ ଚୋରି ହୋଇଛି। ବୁଧବାର ରାତିରେ ଆଜବେଷ୍ଟସ ସିଟ୍ ଭାଙ୍ଗି ଚୋର ୬୦ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳେ ଦୋକାନ ମାଲିକ ବିଶ୍ୱାମିତ୍ର ପ୍ରଧାନ ଏହା ଦେଖି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୧୯୬/୨୪) ରୁଜୁ ହୋଇଥିବା ଥାନା ଅଧିକାରୀ ଶୋଭକର ସେଠ ପ୍ରକାଶ କରିଛନ୍ତି। ଅପରାହ୍ନରେ ଅନୁସନ୍ଧାନକାରୀ କୁକୁର ଆଣି ତଦନ୍ତ କରାଯାଇଥିଲେ ମଧ୍ୟ ଚୋରିର କୌଣସି ସୂଚନା ମିଳିପାରି ନାହିଁ। ପୂର୍ବରୁ ମଧ ତ୍ରିବେଣୀ ଛକ ନିକଟରେ ଥିବା ଏକ ମୋବାଇଲ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଥିଲା। ମାତ୍ର ଏଯାଏ ପୋଲିସ ଚୋରି ସାମଗ୍ରୀ କିମ୍ବା ଚୋର ଧରିବାରେ ସକ୍ଷମ ହୋଇ ପାରିନାହିଁ।

# ଗୋଚର ଜମି ଜବରଦଖଲ, ତହସିଲଦାରଙ୍କୁ ଦାବିପତ୍ର



ଗୋଚର ଜମି ଜବରଦଖଲ ଉଚ୍ଛେଦ ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

ଅମରପାଲି,୨୦।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ସଂଗ୍ରାମପୁର ପଞ୍ଚାୟତ ଅନ୍ତର୍ଗତ ସାନବର୍ଡାକଟା ଗ୍ରାମରେ ଗୋଚର ଜମି ଜବରଦଖଲ ବଢୁଛି। ଗ୍ରାମର ଏକର ଏକର ଗୋଚର ଜମିକୁ କେତେକ ଖଳ ପ୍ରକୃତିର ବ୍ୟକ୍ତି ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଏନେଇ ୱାର୍ଡ ସଭ୍ୟା ରଞ୍ଜିତା ତାଣ୍ଡିଆଙ୍କ ନେତୃତ୍ୱରେ ଗ୍ରାମବାସୀ ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ ସାନବର୍ଡାକଟା ଗ୍ରାମର ଏକର ଏକର ଗୋଚର ଜମିକୁ ଅସାଧୁ ବ୍ୟକ୍ତିମାନେ ଜବରଦଖଲ କରି ଚାଷ କରୁଛନ୍ତି। ଫଳରେ ଗ୍ରାମରେ ଥିବା ଗୋରୁ, ଛେଳି ମେଣ୍ଢା, ପୋଢ଼ ଚରଣ କରିବାରେ ଅସୁବିଧା ହେଉଛି। ଲୋକେ ଗୃହପାଳିତ ପଶୁ ରଖିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏଣୁ ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି ଜବରଦଖଲ ଉଚ୍ଛେଦ କରିବାକୁ ଦାବି କରିଛନ୍ତି। ଗ୍ରାମର ରାଜ କିଶୋର ତାଣ୍ଡିଆ, ଲାଲ ବାହାଦୁର ତାଣ୍ଡିଆ, ନାରାୟଣ ତାଣ୍ଡିଆ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ଏକପଡ଼ା ପାହାଡ଼ରୁ ଗଛକଟାକୁ ନେଇ ବଢୁଛି ଅସନ୍ତୋଷ

ବଘିଆପଡା,୨୦।୬( ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲାର ପାତାଳୀ ଶ୍ରୀକ୍ଷେତ୍ର ଭାବେ ପ୍ରସିଦ୍ଧ ନାଏକପଡା ପାହାଡରୁ ଅବାଧ ଗଛକଟାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରାକୃତିକ ଶୋଭାରାଜିରେ ଭରପୁର ନାଏକପଡାକୁ ସରକାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ସହ ଏହାର ବିକାଶ କାର୍ଯ୍ୟ ହାତକୁ ନେବାକୁ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। ଏହି ପାହାଡର ବିଭିନ୍ନ ସ୍ଥାନରେ ଦେବାଦେବୀଙ୍କ ମୂର୍ତ୍ତି ସ୍ଥାପନ କରାଯିବା ସହିତ ପର୍ଯଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। କିନ୍ତୁ ପରିତାପର ବିଷୟ, ଏହାର ବିକାଶ ଓ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଯେତିକି ତତ୍ପରତା ପ୍ରକାଶ ପାଇବା କଥା ତହା ଏପର୍ଯ୍ୟନ୍ତ ପରିଲକ୍ଷିତ ହୋଇନାହିଁ। ଏହି ପାହାଡ ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲରୁ ଅବାଧ ଖନନ କରାଯାଇ ମୋରମ ଚୋରୀ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଅଛି । ସଂପ୍ରତି ଏହି ପାହାଡରୁ କିଛି ଲୋକ ଗଛ କାଟି ନେଉଥିବା ଜଣାପଡିବା ପରେ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛଇ। ତୁରନ୍ତ ଏହାର ସୁରକ୍ଷା ଦିଗରେ ବନ ବିଭାଗ ଓ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଛି।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସିକଲସେଲ୍ ସଚେତନତା ଅଭିଯାନ



ବାଉଁଶୁଣୀ,୨୦।୬(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ୍ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ୧୫ ଦିନିଆ ସିକଲସେଲ୍ ସଚେତନତା ଅଭିଯାନ ଶୁଭାରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ରାକେଶ ତ୍ରିପାଠୀ, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ଅନ୍ତର୍ଯାମୀ ବେହେରା, ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମିନତୀ ଦେଓ ଯୋଗଦେଇଥିଲେ । ଏଥିସହ ଅଙ୍ଗନୱାଡି କର୍ମୀ,ଆଶା କର୍ମୀମାନେ ମଧ ଉପସ୍ଥିତ ଥିଲେ। ଚିହ୍ନଟ ହୋଇଥିବା ସିକଲସେଲ୍ ରୋଗୀଙ୍କୁ ସିକଲସେଲ୍ କାର୍ଡ ବଣ୍ଟନ କରାଯାଇଥିଲା। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ବ୍ଲକ୍ କାର୍ଯ୍ୟକ୍ରମ ପରିଚାଳକ ସୁଧାଂଶୁ ଶେଖର ପ୍ରଧାନ ସଭା ପରିଚାଳନା କରିଥିଲେ।

# ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି ଶିବିର




ଜନଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅତିଥି ଓ ଅଧିକାରୀ।

ସଇଁତଳା,୨୦।୬(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର କାମ ଠିକାଦାରଙ୍କ ଜରିଆରେ କରାଯାଇ ଅର୍ଥ ଆତ୍ମସାତ ହୋଇଛି। ଗୁରୁବାର ବେଲଗାଁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବ୍ଲକସ୍ତରୀୟ ଜନଶୁଣାଣୀ ଶିବିରରେ ଏଭଳି ଅଭିଯୋଗ ଆସିଛି। ବିଡ଼ିଓ ବିନୟ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣି ଶିବିରରେ ବଲାଙ୍ଗୀ ଡ଼ିଆରଡ଼ିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ତରଣୀସେନ ସୁନା, ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝି ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ବ୍ଲକ ତରଫରୁ ହେଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ କାର୍ଯ୍ୟ ଦାବି, ମଷ୍ଟରରୁଲ କିମ୍ବା କାର୍ଯ୍ୟ ସମ୍ପର୍କରେ ଗାଁ ସାଥୀ କିମ୍ବା ଗ୍ରାମ ରୋଜଗାର ସେବକମାନଙ୍କୁ ଠିକ ସୂଚନା ମିଳୁ ନାହିଁ। ଫଳରେ ଅନେକ ସ୍ଥଳରେ ବିନା ସୂଚନା ଫଳକରେ କାର୍ଯ୍ୟ କରାଯାଇଥିବା ଦର୍ଶାଇ ପ୍ରକଳ୍ପ ଟଙ୍କା ଆତ୍ମସାତ ହେଉଥିବା ଅଭିଯୋଗ ହୋଇଥିଲା। ଡୁଙ୍ଗୁରିପାଲି, କଅଁସର, ଆମ୍ବପାଲି, ବେଲଗାଁ, ବିବିନା, କୁମ୍ଭାର. ତାଲବାହାଲ ଭଳି ପଞ୍ଚାୟତରେ ବିନା ସୂଚନା ଫଳକରେ କାମ କରାଯାଉଥିବା ଅଭିଯୋଗ ହୋଇଥିଲା। ସେହିଭଳି କୁମ୍ଭାରୀ ପଞ୍ଚାୟତରେ ନଳକୂପ ନିକଟରେ ନିର୍ମାଣ ହୋଇଥିବା ୪୯ ଗୋଟି ସୋକ୍‌ପିଟ କାମ ନିମ୍ନମାନର ହୋଇଥିବାରୁ ତାହା ବର୍ତ୍ତମାନ ଭାଙ୍ଗିଯାଇଥିବା ଅଭିଯୋଗ କରାଯାଇଥିଲା। ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଚାଷୀମାନଙ୍କୁ ଦିଆଯାଉଥିବା ମୋ ପୋଖରୀ ଖନନ କାମ ଜୁନ ୧୫ ପରେ ମଧ୍ୟରେ ଜେସିବି ଦ୍ୱାରା ଖୋଳାଯାଇଛି। ବନ ବିଭାଗ ତରଫରୁ ଜଙ୍ଗଲ ମଧ୍ୟରେ ବନୀକରଣ, ପୋଖରୀ ପୁନରୁଦ୍ଧାର ଘଟଣା ବିଷୟରେ ତଥ୍ୟ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ଆସିଥିଲା। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁନା ଖୁବ୍‌ଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଜନଶୁଣାଣୀ ଶିବିର ସମ୍ପର୍କରେ ପ୍ରଚାର ପ୍ରସାର ଅଭାବ ଯୋଗୁ ଅଭିଯୋଗକାରୀ କମ୍ ଏବଂ ଅଧିକାରୀ, କର୍ମଚାରୀ ଅଧିକ ଥିବା ଦେଖିବାକୁ ମିଳିଥିଲା ।

# ଜବରଦଖଲସ୍ଥଳ ତଦନ୍ତ କଲା ପ୍ରଶାସନ

ଅମରପାଲି,୨୦।୬(ପୀତାମ୍ବର ସାହୁ)



ଜବରଦଖଲ ସ୍ଥାନରେ ତହସିଲ ଅଧିକାରୀ ଓ ବିଶାଳପାଲି ଗ୍ରାମର ମହିଳାମାନେ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ବିଶାଳପାଲି ଗ୍ରାମ୍ୟ ଜଙ୍ଗଲ ଜମି ସହ ଗ୍ରାମ୍ୟ ରାସ୍ତାକୁ ପଡୋଶୀ ଭାଲୁ ଗ୍ରାମର କେତେଜଣ ବ୍ୟକ୍ତି ଜୋରଜବରଦସ୍ତି ଅକ୍ତିଆର କରି ଚାଷ କରୁଛନ୍ତି। ଏହାର ପ୍ରତିବାଦ କରି ବିଶାଳପାଲି ଗ୍ରାମର ମହିଳାମାନେ ବୁଧବାର ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଥିଲେ। ଏହାକୁ ପ୍ରଶାସନ ଗୁରୁତ୍ୱ ଦେଇ ତ୍ୱରିତ ତଦନ୍ତ କରିଛି। ବୀରମହାରାଜପୁର ଉପଜିଲାପାଳ ତହସିଲଦାରଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା ଓ କେନଝିରିଆପାଲି ରାଜସ୍ୱ ନିରୀକ୍ଷକ ଯୁଗଳ କିଶୋର ମହାକୁର ଜବରଦାଖଲ ହୋଇଥିବା ଗ୍ରାମ୍ୟ ଜଙ୍ଗଲସ୍ଥଳକୁ ଆସି ତଦନ୍ତ କରିଥିଲେ। ଉକ୍ତ ସ୍ଥାନରେ ବେଆଇନଭାବେ ଜବରଦଖଲ ହୋଇ ଜେସିବି ଲଗାଇ ଚାଷ ଜମି ତିଆରି କରି ଏବେ ଧାନ ଚାଷ କରିଥିବା ତଦନ୍ତ ବେଳେ ଜଣା ପଡ଼ିଛି। ତେବେ ତହସିଲ ଅଧିକାରୀମାନେ ଏହାର ତଦନ୍ତ କରି ତାହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଥିବା ଜଣାପଡ଼ିଛି। ଏନେଇ ରିପୋର୍ଟ ପୋଲିସକୁ ଦିଆଯିବ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

**ଜଙ୍ଗଲ ଜମି ବେଆଇନ ଜବରଦଖଲ ଘଟଣା**

ବିଶାଳପାଲି ଗ୍ରାମ୍ୟ ଜଙ୍ଗଲ ଜମି ଓ ରାସ୍ତାକୁ ପଡୋଶୀ ଭାଲୁଡୁଙ୍ଗୁରୀ ଗ୍ରାମର କେତେକ ବ୍ୟକ୍ତି ବେଇଆଇନ ଜବରଦଖଲ କରିଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଜବର ଦଖଲ ଉଚ୍ଛେଦ ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ବୀରମହାରାଜପୁର ତହସିଲଦାର, ଉପଜିଲାପାଳ ଓ ସୁବର୍ଣ୍ଣପୁର ଜିଲାପାଳଙ୍କ ବିଭିନ୍ନ ସମୟର ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଜଙ୍ଗଲ ଜମି ଓ ରାସ୍ତା ଜବରଦଖ ଯୋଗୁ ଯାତାୟାତ ବାଧାପ୍ରାପ୍ତ ସହ ଅନ୍ୟାନ୍ୟ ଅସୁବିଧା ହେଉଛି। ତହସିଲ ତରଫରୁ ତଦନ୍ତ କରି ଏହି ଜମିରେ କୌଣସି ବ୍ୟକ୍ତି ଅକ୍ତିଆର କରିପାରିବେ ନାହିଁ ବୋଲି ଆଦେଶ କରିଥିଲେ। ପରବର୍ତ୍ତୀ ସମୟରେ ପ୍ରଶାସନ ତରଫରୁ ଉକ୍ତ ଜବରଦଖଲ ଜମିରେ ୧୪୪ ଧାରା ଜାରି କରାଯାଇଥିଲା। ମାତ୍ର ଏବେ ଜବରଦଖଲକାରୀମାନେ ପୁନର୍ବାର ସେହି ଜମିରେ ହଳ କରି ଚାଷ ଆରମ୍ଭ କରିଛନ୍ତି। ବୁଧୁବାର ବିଶାଳପାଲିର ମହିଳାମାନେଉପଜିଲାପାଳଙ୍କ ଫେରାଦ ହୋଇଥିଲେ। ଗୁରୁବାର ପ୍ରଶାସନ ତତ୍ପରତା ପ୍ରକାଶ କରି ତଦନ୍ତ କରିଛି।

**ସଂକ୍ଷେପରେ**

## ବିନିକା ଧରିତ୍ରୀ ଖବରଦାତାଙ୍କ ମାତୃ ବିୟୋଗ



ଦିଲେଶ୍ୱରୀ ବାଘ ।

**ବିନିକା,୨୦।୬(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଧରିତ୍ରୀ ଖବରଦାତା ରାମ ଗୋପାଳ ବାଘଙ୍କ ମାତା ଦିଲେଶ୍ୱରୀ ବାଘ(୮୫)ଙ୍କ ବୁଧବାର ତାଙ୍କ ଉର୍ଲେ ବାସଭବନରେ ପରଲୋକ ହୋଇଯାଇଛି। ଗତ କିଛିଦିନ ହେଲାସେ ବୁର୍ଲା ଭିମସାରରେ ଚିକିତ୍ସାଧୀନ ଥିଲେ। ସେ ଗତ ପାଞ୍ଚଦଶନ୍ଧି ଧରି ମହିମା ଧର୍ମ ପ୍ରଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ବିୟୋଗ ଖବର ପାଇ ବହୁ ମହିମା ଧର୍ମାବଲମ୍ବୀ ଉର୍ଲେ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ। ମହିମା ଧର୍ମର ନୀତି ଅନୁଯାଇ ଉର୍ଲେ କଇରାପାଲିଠାରେ ସମାଧି ଦିଆଯାଇଛି। ବଡ଼ପୁଅ ଖବରଦାତା ରାମ ଗୋପାଳ ବାଘ ସମାଧି ଦେଇଥିଲେ। ଏହି ସମୟରେ ଚାରି ଝିଅପୁଅ, ନାତି ନାତୁଣୀ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ।

# ଜମି ମାପ କଲା ରାଜସ୍ୱ ପ୍ରଶାସନ

**ଅମରପାଲି,୨୦।୬(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି-ଗୁଦଗୁଦା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଏକ ସ୍ଥାନରେ ଜନୈକ ବ୍ୟକ୍ତି ବାଡା ଦେଇ ଅବରୋଧ କରିଥିଲେ। ଫଳରେ ଗୁଦଗୁଦାକୁ ଗତ ମାର୍ଚ୍ଚ ୨୬ତାରିଖରୁ ରାସ୍ତା ବନ୍ଦ ରହିଛି। ଏନେଇ ଧରିତ୍ରୀରେ ଏକାଧିକ ଖବର ପ୍ରକାଶ ପାଇଥିଲା। ତେବେ ଗତ ୧୭ ତାରିଖରେ ସମାଧାନର ବାଟ ଫିଟୁନି, ପ୍ରଶାସନ ନୀରବ ଶୀର୍ଷକ ଖବର ଦୈନିକ ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନ ତତ୍ପରତା ହୋଇଥିଲା। ବୀରମହାରାଜପୁର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଏକ ତଦନ୍ତକାରୀ ଦଳ ଗୁରୁବାର ଘଟଣାସ୍ଥଳକୁ ଆସି ସ୍ଥିତି ନିରୀକ୍ଷଣ କରିଛନ୍ତି। ସୁପରଭାଇଜର ପ୍ରେମାଞ୍ଜଳି ଦଣ୍ଡସେନା, କେନ୍ଝିରିଆପାଲି ରାଜସ୍ୱ ନିରୀକ୍ଷକ ଯୁଗଳ କିଶୋର ମହାକୁର, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ବିଜୟ କୁମାର ବାରା, କୋର୍ଟ ଅମିନ ମାନସ ରଞ୍ଜନ ହୋତା, ହରିହର ଯୋର(ଠେଙ୍ଗୋଡ୍ୟାମ) ଫାଣ୍ଡି ଅଧିକାରୀ ବିଭୁନ୍ଦ୍ର ବରାଳ ଘଟଣାସ୍ଥଳକୁ ଆସି ଥିଲେ। ସେମାନେ ଗୁଦଗୁଦା ଗ୍ରାମବାସୀ ଓ ବାଡା ଦେଇଥିବା ବ୍ୟକ୍ତିଙ୍କ ସହିତ ଆଲୋଚନା କରିଥିଲେ। ନିର୍ମାଣାଧୀନ ରାସ୍ତାର କିଛି ଅଂଶ ନିଜର ରୟତି ଜମି ଥିବା ବାଡା ଦେଇଥିବା ବ୍ୟକ୍ତି ବାଳମୁକୁନ୍ଦ ସେଠୀ ପ୍ରକାଶ କରିଥିଲେ। ତେବେ ତହସିଲରୁ ଆସିଥିବା କର୍ମଚାରୀମାନେ ସମସ୍ତଙ୍କ



ଗ୍ରାମବାସୀଙ୍କ ଉପସ୍ଥିତିରେ ତହସିଲ କର୍ମଚାରୀ ଜମି ମାପ କରୁଛନ୍ତି।

**ଅମରପାଲି-ଗୁଦଗୁଦା ରାସ୍ତାରେ ବାଡା ଦେଇ ଅବରୋଧ ଘଟଣା**

■ ଅବିଳମ୍ବେ ସମସ୍ୟା ସମାଧାନ ଦାବି କଲେ ଗ୍ରାମବାସୀ

ଉପସ୍ଥିତିରେ ଉକ୍ତ ରାସ୍ତାର ଡିମାର୍କେଶନ କରିଥିଲେ। ତେବେ ରାସ୍ତାର କିଛି ଅଂଶ ଜମି ଅବରୋଧକାରୀଙ୍କ ରୟତି ଜମି ଥିବା ଜଣାପଡିଲା। ତେବେ ପ୍ରଶାସନ ତରଫରୁ ଆସିଥିବା କର୍ମଚାରୀମାନେ ଏହାର ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଉକ୍ତ ରାସ୍ତା କାହିଁ କେଉଁ ଦିନରୁ ଥିବା ବେଳେ ଅନେକ ସମୟରେ ଏହାର ଉନ୍ନତୀକରଣ ବ୍ଲକ ଓ ପଞ୍ଚାୟତ ତରଫରୁ କରାଯାଇଛି। ତେବେ ଏବେ ଆରଡି ବିଭାଗ ତରଫରୁ ନୂତନ ରାସ୍ତା କାମ ହେଉଛି। ମାତ୍ର ଗତ ମାର୍ଚ୍ଚ ୨୬ରୁ ଜଣେ ବ୍ୟକ୍ତି ଏହାକୁ ବାଡ଼ା ଦେଇ ଅବରୋଧ କରିଛନ୍ତି। ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଉଭୟ ବୀରମହାରାଜପୁର ଓ ରେଢ଼ାଖୋଲ ବ୍ଲକର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଯିବା ଆସିବାରେ ହଇରାଣ ହେଉଛନ୍ତି। ଗ୍ରାମକୁ ଆମ୍ବୁଲାନ୍ସ ମଧ୍ୟ ଯାଇ ପାରୁନାହିଁ। ରୋଗୀଙ୍କୁ ମେଡିକାଲ ନେବାକୁ ହେଲେ ବୋହି କରି ଅମରପାଲି ପର୍ଯ୍ୟନ୍ତ ଆଣିବାକୁ ପଡୁଛି। ଏବେ ସ୍କୁଲ କଲେଜକୁ ଯିବାକୁ ଥିବା ଛାତ୍ରୀଛାତ୍ରମାନେ ଯିବା ଆସିବାରେ ସମସ୍ୟା ହେବ। ତେବେ ଗ୍ରାମବାସୀ ଏହି ରାସ୍ତା ଖୋଲିବାକୁ ନେଇ ବିଭିନ୍ନ ସମୟରେ ବୀରମହାରାଜପୁର ତହସିଲଦାର, ଉପଜିଲାପାଳ ଓ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ କରି ରାସ୍ତା ଖୋଲିବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

**ଧରିତ୍ରୀ ପ୍ରଭାବ**

# ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ଦାବି

**ସୁନ୍ଦରଗଡ,୨୦।୬(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡରେ ପ୍ରତିଷ୍ଠିତ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲର ପୂର୍ଣ୍ଣ କାର୍ଯ୍ୟକାରିତା ସହ ଏଠାରେ ଓଡ଼ିଶାର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ହୋଇଛି। ଏନେଇ ସୁନ୍ଦରଗଡ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର କାର୍ଯ୍ୟକାରୀ ସଦସ୍ୟ ରାଜା କାକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ବୁଧବାର ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି, ସୁନ୍ଦରଗଡରେ ଏନଟିପିସି ପକ୍ଷରୁ ନିର୍ମିତ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଭାବରେ କାର୍ଯ୍ୟ କରୁଛି। ୧୦୦ଆସନ ବିଶିଷ୍ଟ ଏହି ମେଡିକାଲ କଲେଜରେ ଗତବର୍ଷ ଠାରୁ ପାଠପଢା ଆରମ୍ଭ ହୋଇଛି। ସେହିପରି ୫୦୦ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ସମ୍ପୂର୍ଣ୍ଣ ଭାବେ ରୋଗୀ ସେବା ଆରମ୍ଭ ହୋଇନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ମେଡିକାଲ କଲେଜ ଓ ହସ୍ପିଟାଲରେ ଆବଶ୍ୟକ ମାତ୍ରାରେ ପ୍ରଫେସର, ଡାକ୍ତର, ନର୍ସ ଓ ଅନ୍ୟତମ ପାରାମେଡିକାଲ କର୍ମଚାରୀ ନ ଥିବାରୁ ଏହା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ସୁନ୍ଦରଗଡ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ପାଇଁ କୌଣସି ବଡ ହସ୍ପିଟାଲ ନ ଥିବାରୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ଏହି ମେଡିକାଲ କଲେଜ ଓ ହସ୍ପିଟାଲରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। ପଶ୍ଚିମ ଓଡ଼ିଶାର ଗୁରୁତର ରୋଗୀମାନଙ୍କୁ ୪୦୦କିମି ଦୂର କଟକ କିମ୍ବା ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡୁଛି। ଦୂରରାସ୍ତା ଯୋଗୁ ଅଧାରାସ୍ତାରେ ସଙ୍କଟାପର୍ଣ୍ଣ ରୋଗୀଙ୍କ ଜୀବନ ମଧ୍ୟ ଚାଲିଯାଉଛି। ତେଣୁ ସୁନ୍ଦରଗଡରେ ଏମ୍ସ ପ୍ରତିଷ୍ଠା ହେଲେ ସୁନ୍ଦରଗଡ ସମେତ ସମଗ୍ର ପଶ୍ଚିମ ଓଡ଼ିଶା ବାସୀଙ୍କ ସହ ପଡୋଶୀ ଛତିଶଗଡ଼ ଓ ଝାଡଖଣ୍ଡ ରାଜ୍ୟର ଲୋକେ ମଧ୍ୟ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ପାଇପାରିବେ। ତେଣୁ ମୁଖ୍ୟମନ୍ତ୍ରୀ ଏଦିଗରେ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

# ଆଇନ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ,୨୦।୬( ଅଜିତ କୁମାର ବାରିକ)**

ତାଲୁକା ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ଗୁରୁବାର କୋର୍ଟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ତଥା ହରଭଙ୍ଗା ତାଲକୁ ଆଇନ ସେବା କମିଟି ଅଧକ୍ଷ ପ୍ରିତିଶ କୁମାର ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୋକ୍ସ ଆଇନ, ଜେଜେ ଆକ୍ଟ ଓ ପୋକ୍ସ ପିଡିତାଙ୍କୁ ଆଇନରେ ଥିବା କ୍ଷତିପୂରଣ, ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଓ ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ପାୱାର ପଏଣ୍ଟ ମାଧମରେ ମଧ ସଚେତନ କରାଯାଇଥିଲା। ଏହି ସଚେତନତା ଶିବିରରେ ସରକାରୀ ଓକିଲ ଅଜିତ ପରିଡା, ବନମାଳୀ ଦାସ, ଦେବେନ୍ଦ୍ର ନାଏକ, ସୌମ୍ୟରଞ୍ଜନ ପ୍ରଧାନ,ପୁରୁଣାଟକ ଥାନା ଅଧିକାରୀ, ମହିଳା ଓ କୋର୍ଟ କର୍ମଚାରୀ ପ୍ରଭୁଦତ୍ତ ଛତ୍ରିଆ, ସୁମନ୍ତ ପ୍ରଧାନ, ଡେଭଲିନ ପ୍ରିୟଦର୍ଶନୀ, ଶାରଦା ଶୁଚିସ୍ମିତା,ସନ୍ତୋଷ ସାହୁ, ତୁମ୍ବନାଥ ପାତ୍ର ଉପସ୍ଥିତ ଥିଲେ।

## ଆଜବେଷ୍ଟସ୍ ଶିଟ୍ ଭାଙ୍ଗି ଦୋକାନରୁ ଚୋରି

**ଅମରପାଲି,୨୦।୬(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନାରୁ ପ୍ରାୟ ଶହେ ମିଟର ଦୂର ତ୍ରିବେଣୀ ଛକ ନିକଟରେ ଥିବା ଏକ ପୂଜା ସାମଗ୍ରୀ ଦୋକାନରୁ ଚୋରି ହୋଇଛି। ବୁଧବାର ରାତିରେ ଆଜବେଷ୍ଟସ ସିଟ୍ ଭାଙ୍ଗି ଚୋର ୬୦ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳେ ଦୋକାନ ମାଲିକ ବିଶ୍ୱାମିତ୍ର ପ୍ରଧାନ ଏହା ଦେଖି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୧୯୬/୨୪) ରୁଜୁ ହୋଇଥିବା ଥାନା ଅଧିକାରୀ ଶୋଭକର ସେଠ ପ୍ରକାଶ କରିଛନ୍ତି। ଅପରାହ୍ନରେ ଅନୁସନ୍ଧାନକାରୀ କୁକୁର ଆଣି ତଦନ୍ତ କରାଯାଇଥିଲେ ମଧ୍ୟ ଚୋରିର କୌଣସି ସୂଚନା ମିଳିପାରି ନାହିଁ। ପୂର୍ବରୁ ମଧ୍ୟ ତ୍ରିବେଣୀ ଛକ ନିକଟରେ ଥିବା ଏକ ମୋବାଇଲ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଥିଲା। ମାତ୍ର ଏଯାଏ ପୋଲିସ ଚୋରି ସାମଗ୍ରୀ କିମ୍ବା ଚୋର ଧରିବାରେ ସକ୍ଷମ ହୋଇ ପାରିନାହିଁ।

# ଗୋଚର ଜମି ଜବରଦଖଲ, ତହସିଲଦାରଙ୍କୁ ଦାବିପତ୍ର



ଗୋଚର ଜମି ଜବରଦଖଲ ଉଚ୍ଛେଦ ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

**ଅମରପାଲି,୨୦।୬(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ସଂଗ୍ରାମପୁର ପଞ୍ଚାୟତ ଅନ୍ତର୍ଗତ ସାନବର୍ଡାକଟା ଗ୍ରାମରେ ଗୋଚର ଜମି ଜବରଦଖଲ ବଢୁଛି। ଗ୍ରାମର ଏକର ଏକର ଗୋଚର ଜମିକୁ କେତେକ ଖଳ ପ୍ରକୃତିର ବ୍ୟକ୍ତି ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଏନେଇ ୱାର୍ଡ ସଭ୍ୟା ରଞ୍ଜିତା ତାଣ୍ଡିଆଙ୍କ ନେତୃତ୍ୱରେ ଗ୍ରାମବାସୀ ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ ସାନବର୍ଡାକଟା ଗ୍ରାମର ଏକର ଏକର ଗୋଚର ଜମିକୁ ଅସାଧୁ ବ୍ୟକ୍ତିମାନେ ଜବରଦଖଲ କରି ଚାଷ କରୁଛନ୍ତି। ଫଳରେ ଗ୍ରାମରେ ଥିବା ଗୋରୁ, ଛେଳି ମେଣ୍ଢା, ପୋଢ଼ ଚରଣ କରିବାରେ ଅସୁବିଧା ହେଉଛି। ଲୋକେ ଗୃହପାଳିତ ପଶୁ ରଖିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏଣୁ ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି ଜବରଦଖଲ ଉଚ୍ଛେଦ କରିବାକୁ ଦାବି କରିଛନ୍ତି। ଗ୍ରାମର ରାଜ କିଶୋର ତାଣ୍ଡିଆ, ଲାଲ ବାହାଦୁର ତାଣ୍ଡିଆ, ନାରାୟଣ ତାଣ୍ଡିଆ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଏକପଡ଼ା ପାହାଡ଼ରୁ ଗଛକଟାକୁ ନେଇ ବଢୁଛି ଅସନ୍ତୋଷ

**ବଘିଆପଡା,୨୦।୬( ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଜିଲାର ପାତାଳୀ ଶ୍ରୀକ୍ଷେତ୍ର ଭାବେ ପ୍ରସିଦ୍ଧ ନାଏକପଡା ପାହାଡରୁ ଅବାଧ ଗଛକଟାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରାକୃତିକ ଶୋଭାରାଜିରେ ଭରପୁର ନାଏକପଡାକୁ ସରକାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ସହ ଏହାର ବିକାଶ କାର୍ଯ୍ୟ ହାତକୁ ନେବାକୁ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। ଏହି ପାହାଡର ବିଭିନ୍ନ ସ୍ଥାନରେ ଦେବାଦେବୀଙ୍କ ମୂର୍ତ୍ତି ସ୍ଥାପନ କରାଯିବା ସହିତ ପର୍ଯଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। କିନ୍ତୁ ପରିତାପର ବିଷୟ, ଏହାର ବିକାଶ ଓ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଯେତିକି ତତ୍ପରତା ପ୍ରକାଶ ପାଇବା କଥା ତାହା ଏପର୍ଯ୍ୟନ୍ତ ପରିଲକ୍ଷିତ ହୋଇନାହିଁ। ଏହି ପାହାଡ ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲରୁ ଅବାଧ ଖନନ କରାଯାଇ ମୋରମ ଚୋରୀ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଅଛି । ସଂପ୍ରତି ଏହି ପାହାଡରୁ କିଛି ଲୋକ ଗଛ କାଟି ନେଉଥିବା ଜଣାପଡିବା ପରେ ବୁଦ୍ଧଜିବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛଇ। ତୁରନ୍ତ ଏହାର ସୁରକ୍ଷା ଦିଗରେ ବନ ବିଭାଗ ଓ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସିକଲସେଲ୍ ସଚେତନତା ଅଭିଯାନ



**ବାଉଁଶୁଣୀ,୨୦।୬(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ୍ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ୧୫ ଦିନିଆ ସିକଲସେଲ୍ ସଚେତନତା ଅଭିଯାନ ଶୁଭାରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ବୌଦ୍ଧ ବ୍ଲକ୍ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ରାକେଶ ତ୍ରିପାଠୀ, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ଅନ୍ତର୍ଯାମୀ ବେହେରା, ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମିନତୀ ଦେଓ ଯୋଗଦେଇଥିଲେ । ଏଥିସହ ଅଙ୍ଗନୱାଡି କର୍ମୀ,ଆଶା କର୍ମୀମାନେ ମଧ୍ୟ ଉପସ୍ଥିତ ଥିଲେ। ଚିହ୍ନଟ ହୋଇଥିବା ସିକଲସେଲ୍ ରୋଗୀଙ୍କୁ ସିକଲସେଲ୍ କାର୍ଡ ବଣ୍ଟନ କରାଯାଇଥିଲା। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ବ୍ଲକ୍ କାର୍ଯ୍ୟକ୍ରମ ପରିଚାଳକ ସୁଧାଂଶୁ ଶେଖର ପ୍ରଧାନ ସଭା ପରିଚାଳନା କରିଥିଲେ।

# ୨ଦିନରେ ୩ ଜୀବନ ନେଇଗଲେ ନାବାଳକ

**ଭଦ୍ରକ,୨୦।୬(ସନାତନ ରାଉତ)**

■ ୨୦ ଟଙ୍କା ନ ଦେବାରୁ ଆଈଙ୍କୁ ମାରିଦେଲେ

■ ବୁଦାମୂଳରୁ ମିଳିଲା ମୃତଦେହ

■ ମା' ଝିଅଙ୍କୁ ନିର୍ମମ ହତ୍ୟା

ଜଣେ ୧୫ ବର୍ଷୀୟ ନାବାଳକ ଦୁଇଦିନରେ ୩ଜଣଙ୍କ ଜୀବନ ନେଇଯାଇଛନ୍ତି। ପ୍ରଥମେ ନିଜ ଆଈଙ୍କୁ ମାରି ଦେବା ପରେ ଜଣେ ମହିଳା ଓ ତାଙ୍କ ଝିଅକୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଏଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗଣିଜାଙ୍ଗ ପଞ୍ଚାୟତରେ। ବୁଧବାର ମା' ଝିଅ ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତ ନାବାଳକ ଥାନାରେ ଅଟକ ଥିବାବେଳେ ଗୁରୁବାର ଏକ ବୁଦାମୂଳରୁ ତାଙ୍କ ଆଈଙ୍କ ମୃତଦେହ ମିଳିଛି। ପୋଲିସର ପଚରାଉଚରା ବେଳେ ସେ ନିଜ ଆଈଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ମଙ୍ଗଳବାର ସେ ଓ ତାଙ୍କ ଆଈ ମାମୁଘରୁ ଫେରୁଥିଲେ। ଉକ୍ତ ରାସ୍ତାରେ ସେ ତାଙ୍କୁ ୨୦ଟଙ୍କା ମାଗିଥିଲେ। କିନ୍ତୁ ସେ ନ ଦେବାରୁ ଯୁକ୍ତିତର୍କ ହୋଇଥିଲା। ଆଈ ପାଖରେ ୨ହଜାର ଟଙ୍କା ଥିବା ସେ ପୂର୍ବରୁ ଦେଖିଥିଲେ। ଟଙ୍କା ନ ଦେବାରୁ ସେ ରାଗିଯାଇ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ପୋଲିସ ଆଗରେ ମାନିଛନ୍ତି।

ପ୍ରକାଶ ଯେ, ଗଣିଜାଙ୍ଗ ପଞ୍ଚାୟତର ବଙ୍ଗାଳିସାହି ନିକଟସ୍ଥ ଏକ ବିଲ ମଝିରୁ ବୁଧବାର ଅପରାହ୍ନରେ ମା' ଝିଅଙ୍କ ମୃତଦେହ ମିଳିଥିଲା। ମହିଳାଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ବିଲ ମଝିରେ ପଡ଼ିଥିବା ବେଳେ ତାଙ୍କ ୬ବର୍ଷୀୟା ଝିଅର ମୃତଦେହ ଏକ ପୋଲ ତଳୁ ମିଳିଥିଲା। ଏହି ଘଟଣାରେ ଅଭିଯୁକ୍ତ ନାବାଳକଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଗୁରୁବାର ଉକ୍ତ ସ୍ଥାନରେ ବୁଦାମୂଳରୁ ଆଉ ଏକ ମୃତଦେହ ମିଳିବା ପରେ ଅଭିଯୁକ୍ତ ନାବାଳକଙ୍କ ଆଈ ଶ୍ରୀମତୀ ମୁଣ୍ଡା(୬୦) ବୋଲି ଜଣାପଡ଼ିଥିଲା। ନାବାଳକ ତାଙ୍କ ଆଈଙ୍କୁ ହତ୍ୟା କରିଥିବା ସ୍ୱୀକାର କରିବା ପରେ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା ଏବଂ ଗ୍ରାମାଞ୍ଚଳ ଥାନା ଅଧିକାରୀ ଅମିତାଭ ଦାଶ ତାଙ୍କୁ ସାଙ୍ଗରେ ନେଇ ଉକ୍ତ ସ୍ଥାନରୁ ମୃତଦେହ ଜବତ କରିଥିଲେ। ଅପରପକ୍ଷେ ମା' ଝିଅ ହତ୍ୟାକାଣ୍ଡ ଘଟଣାରେ ମୃତ ମହିଳାଙ୍କ ସ୍ୱାମୀ ରାଜୁ ମୁଣ୍ଡାଙ୍କ ଅଭିଯୋଗକ୍ରମେ ଗ୍ରାମାଞ୍ଚଳ ଥାନାରେ ଏକ ହତ୍ୟା ମାମଲା (ନଂ.୪୦୮/୨୪) ରୁଜୁ କରାଯାଇଛି। ମଜୁରି ଟଙ୍କାକୁ ନେଇ ରାଜୁଙ୍କ ସ୍ତ୍ରୀ ସୁକାନ୍ତି ଓ ନାବାଳକଙ୍କ ମଧ୍ୟରେ ପୂର୍ବରୁ ଝଗଡ଼ା ହୋଇଥିଲା। ବୁଧବାର ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ବେଳେ ସେମାନେ ମଦ ପିଇଥିଲେ। ପୂର୍ବ ଝଗଡ଼ାକୁ କେନ୍ଦ୍ରକରି ନାବାଳକ ଜଣକ ସୁକାନ୍ତି ଓ ତାଙ୍କ ଝିଅ ମିନିଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ନାବାଳକ ୩ଜଣଙ୍କୁ ହତ୍ୟା କରିଥିବା ବେଳେ ଏଥିରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ସେ ଦିଗରେ ଅଧିକ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ କହିଛନ୍ତି। ପ୍ରକାଶଥାଉ କି, ଗ୍ରାମାଞ୍ଚଳ ଥାନା ଅଧୀନ ଜଳଙ୍ଗାର ରାଜୁ ତାଙ୍କ ପରିବାର ସହ ଗଣିଜାଙ୍ଗ ପଞ୍ଚାୟତ ବଣିଆଗୁଡ଼ିରେ ରହି ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ତାଙ୍କ ସ୍ତ୍ରୀ ସୁକାନ୍ତି ଦିନମଜୁରିଆ ଭାବେ ସ୍ଥାନୀୟ ଅଞ୍ଚଳରେ କାମ କରୁଥିଲେ।

# ଜବରଦଖଲସ୍ଥଳ ତଦନ୍ତ କଲା ପ୍ରଶାସନ

**ଅମରପାଲି,୨୦।୬(ପୀତାମ୍ବର ସାହୁ)**



ଜବରଦଖଲ ସ୍ଥାନରେ ତହସିଲ ଅଧିକାରୀ ଓ ବିଶାଳପାଲି ଗ୍ରାମର ମହିଳାମାନେ।

**ଜଙ୍ଗଲ ଜମି ବେଆଇନ ଜବରଦଖଲ ଘଟଣା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ବିଶାଳପାଲି ଗ୍ରାମ୍ୟ ଜଙ୍ଗଲ ଜମି ସହ ଗ୍ରାମ୍ୟ ରାସ୍ତାକୁ ପଡୋଶୀ ଭାଲୁ ଗ୍ରାମର କେତେଜଣ ବ୍ୟକ୍ତି ଜୋରଜବରଦସ୍ତି ଅକ୍ତିଆର କରି ଚାଷ କରୁଛନ୍ତି। ଏହାର ପ୍ରତିବାଦ କରି ବିଶାଳପାଲି ଗ୍ରାମର ମହିଳାମାନେ ବୁଧବାର ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଥିଲେ। ଏହାକୁ ପ୍ରଶାସନ ଗୁରୁତ୍ୱ ଦେଇ ତ୍ୱରିତ ତଦନ୍ତ କରିଛି। ବୀରମହାରାଜପୁର ଉପଜିଲାପାଳ ତହସିଲଦାରଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା ଓ କେନଝିରିଆପାଲି ରାଜସ୍ୱ ନିରୀକ୍ଷକ ଯୁଗଳ କିଶୋର ମହାକୁର ଜବରଦାଖଲ ହୋଇଥିବା ଗ୍ରାମ୍ୟ ଜଙ୍ଗଲସ୍ଥଳକୁ ଆସି ତଦନ୍ତ କରିଥିଲେ। ଉକ୍ତ ସ୍ଥାନରେ ବେଆଇନଭାବେ ଜବରଦଖଲ ହୋଇ ଜେସିବି ଲଗାଇ ଚାଷ ଜମି ତିଆରି କରି ଏବେ ଧାନ ଚାଷ କରିଥିବା ତଦନ୍ତ ବେଳେ ଜଣା ପଡ଼ିଛି। ତେବେ ତହସିଲ ଅଧିକାରୀମାନେ ଏହାର ତଦନ୍ତ କରି ତାହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଥିବା ଜଣାପଡ଼ିଛି। ଏନେଇ ରିପୋର୍ଟ ପୋଲିସକୁ ଦିଆଯିବ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

ବିଶାଳପାଲି ଗ୍ରାମ୍ୟ ଜଙ୍ଗଲ ଜମି ଓ ରାସ୍ତାକୁ ପଡୋଶୀ ଭାଲୁଡୁଙ୍ଗୁରୀ ଗ୍ରାମର କେତେକ ବ୍ୟକ୍ତି ବେଇଆଇନ ଜବରଦଖଲ କରିଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଜବର ଦଖଲ ଉଚ୍ଛେଦ ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ବୀରମହାରାଜପୁର ତହସିଲଦାର, ଉପଜିଲାପାଳ ଓ ସୁବର୍ଣ୍ଣପୁର ଜିଲାପାଳଙ୍କ ବିଭିନ୍ନ ସମୟର ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଜଙ୍ଗଲ ଜମି ଓ ରାସ୍ତା ଜବରଦଖ ଯୋଗୁ ଯାତାୟାତ ବାଧାପ୍ରାପ୍ତ ସହ ଅନ୍ୟାନ୍ୟ ଅସୁବିଧା ହେଉଛି। ତହସିଲ ତରଫରୁ ତଦନ୍ତ କରି ଏହି ଜମିରେ କୌଣସି ବ୍ୟକ୍ତି ଅକ୍ତିଆର କରିପାରିବେ ନାହିଁ ବୋଲି ଆଦେଶ କରିଥିଲେ। ପରବର୍ତ୍ତୀ ସମୟରେ ପ୍ରଶାସନ ତରଫରୁ ଉକ୍ତ ଜବରଦଖଲ ଜମିରେ ୧୪୪ ଧାରା ଜାରି କରାଯାଇଥିଲା। ମାତ୍ର ଏବେ ଜବରଦଖଲକାରୀମାନେ ପୁନର୍ବାର ସେହି ଜମିରେ ହଳ କରି ଚାଷ ଆରମ୍ଭ କରିଛନ୍ତି। ବୁଧୁବାର ବିଶାଳପାଲିର ମହିଳାମାନେଉପଜିଲାପାଳଙ୍କ ଫେରାଦ ହୋଇଥିଲେ। ଗୁରୁବାର ପ୍ରଶାସନ ତତ୍ପରତା ପ୍ରକାଶ କରି ତଦନ୍ତ କରିଛି।

## ସଂକ୍ଷେପରେ

### ଚୋରି ଅଭିଯୋଗ, ୪ଗିରଫ

ବରଗଡ଼, ୨୦।୬(ପ୍ରେମାନନ୍ଦ ଖମାରୀ): ବରଗଡ଼ ଟାଉନ ଥାନା ପୋଲିସ ବିଭିନ୍ନ ଚୋରି ଘଟଣାରେ ଗୁରୁବାର ୪ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବରଗଡ଼ ଟାଉନ ଥାନା ଅନ୍ତର୍ଗତ ରେଲୱେ ଷ୍ଟେଶନ ନିକଟ ତ୍ରିନାଥ ନଗରର ଲୁକୁ ପାରାଭୁଏ(୧୯), ମାଷ୍ଟରିଟ୍ରାର ରାହୁଲ ଦୀପ୍(୨୧), ଅମ୍ବାପାଲିରେ ନିତେଶ ପାଣ୍ଡେ(୨୦) ଏବଂ ଦଶବଖରୀର ସମୀର ଜେନା(୨୧)। ସେମାନଙ୍କ ବିରୋଧରେ ପୃଥକ ଭାବେ ୩ମାମଲା(ନଂ.୩୭୪/୨୪, ୩୭୩/୨୪, ୩୭୫/୨୪) ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ଲୁକୁ ଏବଂ ରାହୁଲ ଗତ ୧୯ତାରିଖ ବରଗଡ଼ ରଙ୍ଗଘର ପଡ଼ାରେ ଘଟିଥିବା ମୋବାଇଲ ଚୋରି ଘଟଣାରେ ସମ୍ପୃକ୍ତ ଥିଲେ। ସେମାନଙ୍କ ପାଖରୁ ଚୋରି ମୋବାଇଲ ଏବଂ ଏକ ସାଇକେଲ ଜବତ ହୋଇଛି। ସେହିପରି ଅଭିଯୁକ୍ତ ନିତେଶ ଭଟଲି ଛକ ଏବଂ ଅଭିଯୁକ୍ତ ସମୀର ପଞ୍ଚାୟତ କଲେଜ ରାସ୍ତାରେ ଗତ ୧୯ତାରିଖ ଘଟିଥିବା ଚୋରି ଘଟଣାରେ ସମ୍ପୃକ୍ତ ଥିଲେ।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଠାବ

ନୂଆପଡ଼ା,୨୦।୬(ମକାରୁ ବେମାଲ): ନୂଆପଡା ସହର ଉପକଣ୍ଠରୁ ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଛି। ସୂଚନା ମୁତାବକ ବୁଧବାର ସକାଳୁ ନୂଆପଡ଼ା ସହରର କେତେଜଣ ଲୋକ ମର୍ନିଂ ୱାକ୍‌ରେ ଯାଇଥିବାବେଳେ ସହର ଉପକଣ୍ଠ ଟାନୱାଟ ଦିଆନମୁଣ୍ଡା ରାସ୍ତାତଳେ ଏକ ମୃତଦେହ ପଡିଥିବା ଦେଖିଥିଲେ। ଖବର ପାଇ ନୂଆପଡ଼ା ଥାନା ଅଧିକାରୀ ଦିଲୀପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିଚୟ ଖୋଜିବାରେ ଲାଗିଥିଲେ। ରାସ୍ତାରେ ଯାଉଥିବା ଲୋକେ ମଧ୍ୟ ଅଟକି ଯାଇଥିଲେ। ଦିଆନମୁଣ୍ଡା ଗ୍ରାମର ଲୋକେ ମୃତବ୍ୟକ୍ତି ଜଣକ ଗ୍ରାମର ରାମକୀ ଶବର ବୋଲି ଚିହ୍ନଟ କରିଥିଲେ। ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଘାଟିରେ କାର୍ ଓ ଟ୍ରକ୍ ଧକ୍କା: ଜଣେ ଗୁରୁତର

କୋକସରା,୨୦।୬ (ଦୁଷ୍ମନ୍ତ କୁମାର ପାଢ଼ୋଷୀ): କଳାହାଣ୍ଡି ଓ ନବରଙ୍ଗପୁର ଜିଲା ସୀମାନ୍ତ ଆମପାଣି ଘାଟିର ଏକ ବୁଲାଣିରେ ଗୁରୁବାର ସନ୍ଧ୍ୟାରେ ଜଗଦଲପୁରରୁ କଣ୍ଟାବାଞ୍ଜି ଯାଉଥିବା ଏକ କାର୍ ଓ ବିପରୀତ ଦିଗରୁ ଆସୁଥିବା ମାଲ ବୋଝେଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଟ୍ରକ୍‌ରେ ପିଟିହୋଇ କାର୍‌ର ସାମ୍ନା ପଟ ଚୁରମାର ହୋଇଯାଇଛି। ଏଥିରେ କାର୍‌ରେ ଥିବା ଡ୍ରାଇଭର ଓ ପରିବାରର ୪ ଜଣଙ୍କ ମଧ୍ୟରୁ ରବୀନ୍ଦ୍ର କୁମାର ଅଗ୍ରୱାଲ (୫୧) ଗୁରୁତର ହୋଇଥିବା ବେଳେ ତାଙ୍କ ସ୍ତ୍ରୀ, ପୁଅ ଓ ଝିଅ ସୁରକ୍ଷିତ ରହିଛନ୍ତି।

# ସରିନି ଧାନବିକ୍ରି, ବର୍ଷା ସାଜିଲା କାଳ

ବରଗଡ଼,୨୦।୬(ପ୍ରେମାନନ୍ଦ ଖମାରୀ)


ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡଭଗା ମଣ୍ଡିରେ ବିକ୍ରି ଅପେକ୍ଷାରେ ରହିଥିବା ଧାନ।

ବରଗଡ଼ ଜିଲା ଚାଷୀଙ୍କ ଦୁଃଖ ସରୁନି। ଜିଲାରେ ବର୍ତ୍ତମାନ ରବି ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ଏହି ପ୍ରକ୍ରିୟା ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ଏବେ ମଧ୍ୟ ଜିଲାର ବିଭିନ୍ନ ମଣ୍ଡିରେ ବିକ୍ରି ଅପେକ୍ଷାରେ ବହୁ ପରିମାଣରେ ଧାନ ପଡି ରହିଛି। ଗୋଦାମ ଅଭାବରୁ ଅନେକ ସ୍ଥାନରେ ଖୋଲା ଆକାଶ ତଳେ ଧାନ ପଡିଛି। ଏଭଳି ସ୍ଥିତିରେ ବର୍ଷା ହେବା ଯୋଗୁ ସେହି ଧାନ ପ୍ରଭାବିତ ହୋଇଛି ଏବଂ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଅପରପକ୍ଷରେ ସାମାନ୍ୟ ବର୍ଷା ହେଲେ ମଣ୍ଡି ଗୁଡିକରେ କଟନୀଛଟନୀ ଜୋର୍ ଧରୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଆର୍ଦ୍ରତା ଆଳଦେଖାଇ କୁଇଣ୍ଟାଲ ପ୍ରତି ୫ରୁ ୭କି.ଗ୍ରା ଧାନ କଟନିଛଟନି କରାଯାଉଥିବା ଅଭିଯୋଗ ହେଉଛି। ତେବେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ କଟନିଛଟନି ଚାଲିଥିଲେ ସୁଦ୍ଧା ସେଥିରେ ଅଙ୍କୁଶ ଲଗା ନ ଯିବାରୁ ଚାଷୀ ଅସନ୍ତୋଷ ବଢିବାରେ ଲାଗିଛି।

ଗତମାସ ୧୦ତାରିଖରୁ ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧିନ ମଣ୍ଡିଗୁଡିକରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଜିଲାର ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧିନ ମଣ୍ଡି ଖୋଲିଥିଲା। ତେବେ ଏଥର ଚିରାଚରିତ ଢଙ୍ଗରେ ଧାନ କିଣାବିକା ଆରମ୍ଭ ହୋଇଥିଲା। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ଦିନଠାରୁ ଅବ୍ୟବସ୍ଥା ଦେଖାଯାଇଥିଲା। ଯେଉଁ ଚାଷୀମାନେ ଧାନ ଅମଳ କରିଥିଲେ, ସେମାନଙ୍କୁ ସେତେବେଳେ ମିଳିଥିବା ଟୋକନରେ ନିର୍ଦ୍ଧାରିତ ବିକ୍ରି ଦିବସ ଯଥେଷ୍ଟ ବିଳମ୍ବ ରହିଥିବାବେଳେ ଧାନ ଅମଳ କରି ନ ଥିବା ଚାଷୀଙ୍କ ଟୋକନରେ ବିକ୍ରି ଦିବସ ଆଗୁଆ ରହିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଚାଷୀ ହରଡ଼ଘଣାରେ ପଡିଥିଲେ। କାହାର ଧାନ ବିକ୍ରି ବିଳମ୍ବ ହୋଇଥିଲା ତ ଆଉ କେହି ଚାଷୀଙ୍କ ଟୋକନ ଅବଧି ସରି ବସିଥିଲା।

ସେହିପରି ଜିଲାରେ ଖୋଲିଥିବା ମଣ୍ଡିଗୁଡିକରେ ଧାନକ୍ରୟ ସଂସ୍ଥା, ମଣ୍ଡି କର୍ମଚାରୀ ଏବଂ ମିଲର୍ସଙ୍କ ସ୍ୱେଚ୍ଛାଚାରିତା ଯୋଗୁ ଚାଷୀମାନଙ୍କୁ ଆହୁରି ହଟହଟା ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ବିନା କଟନିଛଟନିରେ ଧାନ କିଣିବାକୁ ସେମାନେ ସିଧାସଳଖ ମନା କରି ଦେଉଥିବା ଅଭିଯୋଗ ହୋଇଛି। ଏପରିକି ସେଭଳି ଆଳଦେଖାଇ ଦୀର୍ଘଦିନ ଧରି ମଣ୍ଡିରୁ ଧାନ ଉଠାଉ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ସେଭଳି ସ୍ଥିତିରେ କେତେକ ଚାଷୀ ବାଧ୍ୟହୋଇ ବେପାରୀ ତଥା ମିଲର୍ସଙ୍କ ଏଜେଣ୍ଟଙ୍କ ହାତରେ କମ ଦରରେ ଧାନ ଟେକି ଦେଉଥିବା ପରିଲକ୍ଷିତ ହୋଇଛି। ଅନ୍ୟପଟେ ଅନେକ ଚାଷୀ ସେମାନଙ୍କ ଅମଳ ଧାନକୁ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରିବା ପାଇଁ ମଣ୍ଡିରେ ପକାଇଛନ୍ତି। ତେବେ ସେମାନଙ୍କୁ କାଳବୈଶାଖୀ କାଳ ସାଜିଛି। ଗୁରୁବାର ଅପରାହ୍ନରୁ ବର୍ଷା ଲାଗି ରହିଥିବାରୁ ଚାଷୀମାନଙ୍କୁ ହଟହଟା ହେବାକୁ ପଡିଛି। ଗୋଦାମ ଅଭାବରୁ ତାରପୋଲିନ ଘୋଡାଇ ମଣ୍ଡିର ଖୋଲା ଆକାଶ ତଳେ ସେମାନେ ବିକ୍ରି ପାଇଁ ଧାନ ରଖିଥିଲେ। କିନ୍ତୁ ବର୍ଷା ହେବା ଯୋଗୁ ଆର୍ଦ୍ରତା ଆଳରେ ଧାନ କ୍ରୟ ସଂସ୍ଥା କର୍ମଚାରୀମାନେ ସେମାନଙ୍କ ଧାନ ଉଠାଇବା ସମୟରେ ଅଧିକ କଟନିଛଟନି କରିବେ, ଏହି ଆଶଙ୍କାରେ ସମ୍ପୃକ୍ତ ଚାଷୀମାନେ ଅଛନ୍ତି। ତେବେ ଏ ନେଇ ଚାଷୀନେତା ହର ବଣିଆଁ କହିଛନ୍ତି, ମଣ୍ଡିକୁ ଚାଷୀ ଧାନ ପହଞ୍ଚାଇବା ପରେ ତାକୁ ସୁରକ୍ଷିତ ରଖିବା ନିୟନ୍ତ୍ରିତ ବଜାର କମିଟିର କର୍ତ୍ତବ୍ୟ। ଏହାସତ୍ତ୍ୱେ ସେଭଳି ସ୍ଥିତିରେ ମଣ୍ଡି କର୍ମଚାରୀମାନେ କଟନିଛଟନି କରିବା ଦୁର୍ଭାଗ୍ୟଜନକ ଏବଂ ଚାଷୀମାନେ ତା'ର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

## ମିଥ୍ୟା କେସ ରୁଜୁ ମାମଲାରେ ଓକିଲଙ୍କୁ ସତର୍କବାଣୀ

**ବୀମା ରାଶିର ପର୍ସେଣ୍ଟେଜ୍ ହାତେଇବାକୁ ରୁଜୁ କରିଥିଲେ ମିଛ କେସ୍**

ସମ୍ବଲପୁର,୨୦।୬(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଖାଉଟି ଅଦାଲତ ଏକ ମାମଲାର ବିଚାର ପୂର୍ବକ ମାମଲା ରୁଜୁକାରୀ ଓକିଲଙ୍କୁ କଡ଼ା ଚେତାବନୀ ଦେଇଛି। ସମ୍ପୃକ୍ତ ଓକିଲ ରୁଜୁକରିଥିବା ମାମଲାକୁ ଖାରଜ କରି ଏହାକୁ ଏକ ମିଥ୍ୟା ମାମଲା ଦର୍ଶାଇ ଅଦାଲତ ଆଇନଜୀବୀ ପ୍ରେମପ୍ରକାଶ ପାଣିଗ୍ରାହୀଙ୍କୁ ଏଭଳି ମିଥ୍ୟା ମାମଲା ରୁଜୁ ନ କରିବାକୁ ସତର୍କବାଣୀ ଶୁଣାଇଛନ୍ତି। ବିଚାରପତି ତାଙ୍କ ରାୟରେ ଏଭଳି ମିଥ୍ୟା ମାମଲା ଦାୟର କରି ଲୋକଙ୍କୁ ହଇରାଣ ଓ ଅଦାଲତର ବହୁମୂଲ୍ୟ ସମୟ ନଷ୍ଟ ନ କରିବାକୁ କହିଛନ୍ତି। ଭବିଷ୍ୟତରେ ଏଭଳି ମାମଲା ନଜରକୁ ଆସିଲେ କଡ଼ା କାର୍ଯ୍ୟାନୁଷ୍ଠାଣ ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ ୨୦୧୭ ମସିହାରେ ଆଇନଜୀବୀ ପାଣିଗ୍ରାହୀ ବେହେରାଙ୍କ ପକ୍ଷରୁ ଖାଉଟି ଅଦାଲତରେ ଏକ ବୀମା କେସର ପରିଚାଳନା କରିଥିଲେ। ଏହି ମାମଲା ପରିଚାଳନା ଫି ବାବଦକୁ ସେ ବେହେରାଙ୍କ ଠାରୁ ୨୦ ହଜାର ଟଙ୍କା ନେଇଥିଲେ। ଉକ୍ତ ବୀମା କମ୍ପାନୀ ଉପର କୋର୍ଟକୁ ଯିବାପରେ ବେହେରାଙ୍କ ଠାରୁ ସେ ପୁଣିଥରେ ୨୦ ହଜାର ଟଙ୍କା ନେଇଥିଲେ। ପରବର୍ତ୍ତୀକାଳରେ ଏହି ମାମଲାରେ କୋର୍ଟର ରାୟ ବେହେରାଙ୍କ ସପକ୍ଷରେ ଯିବାରୁ ବେହେରା ବୀମା କମ୍ପାନୀ ଠାରୁ ଧାର୍ଯ୍ୟ ବୀମା ରାଶି ପାଇଥିଲେ। ଏହା ଜାଣିଲା ପରେ ଆଇନଜୀବୀ ଜଣକ ବେହେରାଙ୍କ ନିକଟରେ ଅତିରିକ୍ତ ୫୦ ହଜାର ଟଙ୍କା ଦାବି କରିଥିଲେ। ମାତ୍ର ବେହେରା ଏଥିରେ ରାଜି ନ ହେବାରୁ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା। ଫଳରେ ଆଇନଜୀବୀ ଜଣକ ନିଜୟ କ୍ଷମତାର ଅପବ୍ୟବହାର କରି ବେହେରାଙ୍କ ନିକଟକୁ ଏକ ମିଥ୍ୟା କେସ ଜନିତ ଏଡ୍‌ଭୋକେଟ୍ ନୋଟିସ ପ୍ରେରଣ କରିଥିଲେ। ଏଥିରେ ସେ ବେହେରାଙ୍କୁ ଜଣେ ସିଭିଲ ଠିକାଦାର ଭାବେ ତାଙ୍କ ଘର ନିର୍ମାଣ ପାଇଁ ଠିକା ଦେଇଥିଲେ। ମାତ୍ର ବେହେରା ତାଙ୍କ ଘର ନିର୍ମାଣ କାର୍ଯ୍ୟ କରି ନ ଥିଲେ ବୋଲି ମିଥ୍ୟା ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଏହାକୁ ନେଇ ବେହେରା ଉକ୍ତ ମାମଲାର ପରିଚାଳନା ପାଇଁ ଆଇନଜୀବୀ ମୁକେଶ ଶର୍ମାଙ୍କୁ ତାଙ୍କ ଏଡ୍‌ଭୋକେଟ୍ ନିଯୁକ୍ତ କରିଥିଲେ।

ଏହି ମାମଲାର ଶୁଣାଣୀ ସମୟରେ ଖାଉଟି ଅଦାଲତ ସଭାପତି ରମାକାନ୍ତ ଶତପଥୀ ଓ ସଦସ୍ୟ ସଦାନନ୍ଦ ତ୍ରିପାଠୀ ଆଇନଜୀବୀଙ୍କୁ ମିଳିଥିବା ଅଧିକାରର ଦୁରପୋଯୋଗ କରିବା ଏକ ଦଣ୍ଡନୀୟ ଅପରାଧ ଓ ଓକିଲଙ୍କ ଫି ଛଡ଼ା ଅନ୍ୟ କୌଣସି ପର୍ସେଣ୍ଟେଜ ଦାବି କରିବା ବେଆଇନ୍ ବୋଲି ରାୟ ପ୍ରକାଶ କରି ଆଇନଜୀବୀ ପାଣିଗ୍ରାହୀଙ୍କୁ ଏଭଳି ମାମଲା ରୁଜୁ କରିବା ଭଳି କାର୍ଯ୍ୟରୁ ବିରତ ରହିବାକୁ ସତର୍କବାଣୀ ଶୁଣାଇଛନ୍ତି।

## ରାସ୍ତା ଉପରକୁ ମାଡି ଆସୁଛନ୍ତି ଦୋକାନୀ: ଟ୍ରାଫିକ ସମସ୍ୟା ଗୁରୁତର


ପଦ୍ମପୁରର ମୁଖ୍ୟ ରାସ୍ତା ଓ ଭେଉଁରିଆ ଛକ।

ପଦ୍ମପୁର,୨୦।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେଲାଣି। ଅନେକ ଉଠା ଦୋକାନୀ ରାସ୍ତା ଉପରକୁ ମାଡି ଆସୁଥିବା ଅଭିଯୋଗ ହେଉଛି। ଫଳରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସହରବାସୀ। ପଦ୍ମପୁର ମୁଖ୍ୟ ରାସ୍ତା ଦେଇ ପ୍ରତିଦିନ ପଡୋଶୀ ଛତିଶଗଡ଼ ସମେତ ଆନ୍ଧ୍ରପ୍ରଦେଶ ସମେତ ଅନ୍ୟାନ୍ୟ ରାଜ୍ୟ ଓ ସହରରୁ ବଡ଼ବଡ଼ ଟ୍ରକରେ ସାମଗ୍ରୀ ଆସି ଏହି ରାସ୍ତା ଦେଇ ଯାଇଥାଏ। ରାସ୍ତା ଦିନକୁ ଦିନ ସଂକୁଚିତ ହେଉଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ସେହିପରି ରାସ୍ତା କଡରେ ଥିବା ଦୋକାନୀ ମାନେ ଜବରଦଖଲ କରି ନିଜ ଦୋକାନକୁ ଆଗକୁ ୪ଫୁଟ ବଢାଇ ଦେଉଥିବାରୁ ଗାଡି ଚଳାଚଳ ମଧ୍ୟ ଠିକ ଭାବରେ ହୋଇପାରୁନାହିଁ। କିଛି ବର୍ଷ ଆଗରୁ ପ୍ରଶାସନ ତରଫରୁ ଏହି ଜବରଦଖଲକୁ ହଟାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୁଣି ସେଠାରେ ଜବରଦଖଲ କରି ଦୋକାନ ମାନ ଖୋଲିଛନ୍ତି। ମାତ୍ର ଏ ଭିତରେ ପଦ୍ମପୁର ଏନଏସି ନିର୍ବାହୀ ଅଧିକାରୀ ତରଫରୁ ଡାକବାଜିରେ ଜବରଦଖଲ ଉଚ୍ଛେଦ ପାଇଁ ଦୋକାନୀମାନଙ୍କୁ ତାଗିଦ କରାଯାଉଛି। ଭେଉଁରିଆ ଛକଠାରୁ ପାଟଣାଗଡ ରୋଡ, ଭେଉଁରିଆ ଛକ ଠାରୁ ଲଖମରା ରୋଡ, କଚେରୀ ଛକ ଠାରୁ ଅବକାରୀ ଅଫିସ ପର୍ଯ୍ୟନ୍ତ ଚିହ୍ନିତ କରାଯାଇଥିବା ଅନାଧିକୃତ ଦୋକାନକୁ ଉଚ୍ଛେଦ କରିବା ସହ ରାସ୍ତାର ଉଭୟ ପାର୍ଶ୍ୱର ଡ୍ରେନ ନିର୍ମାଣ ଓ ଭେଉଁରିଆ ଛକର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ଘୋଷଣା କରାଯାଇଛି। ଏ ସମ୍ପର୍କରେ ଏନଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ କହିଛନ୍ତି ଯେ, ପଦ୍ମପୁର ଅତିରିକ୍ତ ଜିଲାପାଳ ଶୁକ୍ରବାର ଏ ସଂକ୍ରାନ୍ତରେ ବିଭିନ୍ନ ଅଧିକାରୀଙ୍କୁ ଆଲୋଚନା ପାଇଁ ଡାକିଛନ୍ତି। ଆଲୋଚନା ପରେ କେବେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ ଜଣାପଡିବ ବୋଲି କହିଛନ୍ତି ।

## ବାଲ୍ୟ ବିବାହ ରୋକିଲା ଜିଲା ପ୍ରଶାସନ

ଖଡ଼ିଆଳ,୨୦।୬ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବାଦୀ ପଞ୍ଚାୟତର ଜୁନାନୀ ଗ୍ରାମରେ ଏକ ବାଲ୍ୟ ବିବାହକୁ ବନ୍ଦ କରିଛି ଜିଲା ପ୍ରଶାସନ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିଆର ସିଂହଙ୍କ ନେତୃତ୍ୱରେ ଟିମ୍ ଖଡ଼ିଆଳ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମୀନା କୁମାରୀ ଅଗ୍ରୱାଲ ପ୍ରମୁଖ ଜୁନାନୀ ଗ୍ରାମକୁ ଯାଇ ବିବାହକୁ ବନ୍ଦ କରିଛନ୍ତି। ପରିବାର ସହ ଟିମ୍ ସଦସ୍ୟ ବାଲ୍ୟ ବିବାହର ଅପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ପୁଅ ଓ ଝିଅର ବୟସ ୧୮ବର୍ଷ ହୋଇଥିଲା। ହେଲେ ସରକାରଙ୍କ ନିୟମ ଅନୁସାରେ ପୁଅକୁ ୨୧ ବର୍ଷ ହେବା କଥା। ଆସନ୍ତା ୨୬ ତାରିଖ ଦିନ ବିବାହ ସ୍ଥିର ହୋଇଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଗ୍ରାମରେ ପହଞ୍ଚିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ସିକଲ୍‌ସେଲ୍ ଦିବସ

ଲାଞ୍ଜିଗଡ଼,୨୦।୬(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାଙ୍ଗଣରେ ବୁଧବାର ବିଶ୍ୱ ସିକଲ୍‌ସେଲ୍ ସଚେତନତା ଦିବସ ଅନୁଷ୍ଠିତ ହୋଇଯାଇଛି। ଡ଼. ହରିଶଙ୍କର ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା କମଳା ପାତ୍ର ମୁଖ୍ୟଅତିଥି, ଡିପିଏଚ୍‌ଓ ଡ. ରାକେଶ କୁମାର ସାହୁ ମୁଖ୍ୟବକ୍ତା ଓ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର ସମ୍ମାନିତ ଅତିଥିରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏ ଆଇଟିଡିଏ ନନ୍ଦକିଶୋର ତାଣ୍ଡି, ଡିପିଏମ୍ ଏନ୍‌ଏଚ୍‌ଏମ୍ କଳାହାଣ୍ଡି ଭବାନୀଶଙ୍କର ସାହୁ, ସିଡିପିଓ ବିଜୟଶ୍ରୀ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ୨୦୪୭ ସୁଦ୍ଧା ଭାରତକୁ ସିକିଲ ସେଲ ବା ରକ୍ତହୀନତାରୁ ମୁକ୍ତ କରିବା ନେଇ ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହାସହ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବୁଝାଇଥିଲେ। ଖବରଦାତା ଗୋପାଳ ଦାସ ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟ ଶିକ୍ଷା ସମ୍ପ୍ରସାରଣ ଅଧିକାରୀ ଦିବାକର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରଥଯାତ୍ରା ପାଇଁ ପ୍ରସ୍ତୁତି


ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଝାରସୁଗୁଡା, ୨୦।୬ (ସଞ୍ଜୟ ମାଲି)

ଝାରସୁଗୁଡ଼ା ସହରସ୍ଥିତ ପୁରୁଣା ବସ୍ତିଠାରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହେବ। ପୁରୁଣା ବସ୍ତି ରଥଯାତ୍ରା କମିଟି ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ଏକ ଖବରଦାତା ସମ୍ମିଳନୀ ସଭାପତି ଶରତ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସହର ସ୍ଥିତ ବାବୁପଡ଼ା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସରୋଜ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ନିରଞ୍ଜନ ତ୍ରିପାଠୀ, ନରେଶ ଶତପଥୀ, ବନମାଳୀ ତ୍ରିପାଠୀ, ନୀଳାମ୍ବର ମହାପାତ୍ର, ପ୍ରକାଶ ସିଂହଦେଓ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ରଥଯାତ୍ରା ପାଇଁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ କରାଯାଇଥିଲା। ଆସନ୍ତା ଜୁନ ୨୨ ତାରିଖ ଶନିବାର ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୬ ତାରିଖ ଶନିବାର ନେତ୍ରଉତ୍ସବ, ୭ ତାରିଖ ରବିବାର ଘୋଷଯାତ୍ରା ତଥା ଜୁଲାଇ ୧୫ ସୋମବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ରଥଯାତ୍ରା ଉପଲକ୍ଷେ ଆସନ୍ତା ଜୁଲାଇ ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ସଞ୍ଚାର, ଭଜନ, ଭାଗବତ, ମେଲୋଡି, କୃଷ୍ଣଗୁରୁ ପ୍ରମୁଖ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଏଡିଏମ୍‌ଙ୍କୁ ଭେଟିଲେ କ୍ରୀଡ଼ାବିତ୍


ଏଡିଏମ୍‌ଙ୍କୁ କ୍ରୀଡ଼ାବିତ୍‌ମାନେ ଭେଟୁଛନ୍ତି।

ବରଗଡ଼,୨୦।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ କ୍ରୀଡ଼ାବିତ୍‌ଙ୍କ ବିକାଶ ତଥା ଏହାର ଭିତ୍ତିଭୂମି ସକାଶେ ଆବଶ୍ୟକ ଜମି ଯୋଗାଇ ଦେବା ପାଇଁ ଦାବି ହୋଇଛି। ଏହି କ୍ରମରେ ଗୁରୁବାର କ୍ରୀଡ଼ାବିତ୍ ତଥା କୋଚ୍ ଶିବ ମିଶ୍ରଙ୍କ ନେତୃତ୍ୱରେ ଅଲିମ୍ପିଆନ ଦୂତୀ ଚାନ୍ଦ, ପ୍ରତୀକ ମହାରଣା ପ୍ରମୁଖ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟିବାକୁ ଯାଇଥିଲେ। ଜିଲାପାଳ ଗୋୟଲଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ(ଏଡ଼ିଏମ) ମଧୁଛନ୍ଦା ସାହୁଙ୍କୁ ଭେଟି ସେମାନେ ସେ ନେଇ ଆଲୋଚନା କରିଥିଲେ। ବରଗଡ଼ ଜିଲାରେ କ୍ରୀଡ଼ାକ୍ଷେତ୍ରରେ ଅନେକ ପ୍ରତିଭା ଅଛନ୍ତି। କିନ୍ତୁ ସେମାନଙ୍କ ବିକାଶ ପାଇଁ ଏଠାରେ ଆବଶ୍ୟକ ଭିତ୍ତିଭୂମି ନ ଥିବା ଅଭିଯୋଗ ହେଉଛି। ଏଥିପାଇଁ ବହୁପୂର୍ବରୁ ଦାବି ହୋଇ ଆସୁଛି। କିନ୍ତୁ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଜିଲାରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ପଦ୍ମପୁରର ଷ୍ଟ୍ରିଟ ଲାଇଟ: ଦିନରେ ଜଳୁଛି, ରାତିରେ ଅନ୍ଧାର

ପଦ୍ମପୁର,୨୦।୬(ପ୍ରଦୀପ୍ତ ଦାଶ)

ସରକାରଙ୍କ ଠାରୁ ଆରମ୍ଭ କରି ବିଦ୍ୟୁତ୍ ବିଭାଗ ପର୍ଯ୍ୟନ୍ତ ସମସ୍ତେ ବିଦ୍ୟୁତ ସଞ୍ଚୟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବାବେଳେ ପଦ୍ମପୁର ଏନଏସିରେ ଥିବା ଅଧିକାଂଶ ଷ୍ଟ୍ରିଟ ଲାଇଟ ଦିନବେଳେ ଜଳୁଥିବା ଦେଖିବାକୁ ମିଳୁଛି। ଷ୍ଟ୍ରିଟ ଲାଇଟଗୁଡିକ ସନ୍ଧ୍ୟା ୫ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଜଳୁଛି। ସେହିପରି ପଦ୍ମପୁର ଗାଇସିଲେଟ ରାସ୍ତାରେ ଲାଗିଥିବା ଲାଇଟ ଅନେକ ଦିନ ହେବ ଜଳୁନାହିଁ। ୧୧ ୱାର୍ଡ ବିଶିଷ୍ଟ ପଦ୍ମପୁର ଏନଏସି ରେ ଏହି ଆଲୋକିକରଣ ବିଲ୍ ବାବଦରେ ଲକ୍ଷ ଲକ୍ଷ ଟଙ୍କା ପୈଠ ହେଉଥିବା ବେଳେ ଅଜଥା ସମୟରେ ଏହି ଷ୍ଟ୍ରିଟ ଲାଇଟ ଜଳିବା ଦ୍ୱାରା ଏନଏସି ତହବିଲରୁ ଅଯଥା କଂପାନୀକୁ ପୋଷିବା ହେଉଛି। ସେହିପରି ଯେଉଁ ଅଞ୍ଚଳରେ ଷ୍ଟ୍ରିଟ ଲାଇଟ ଜଳୁନାହିଁ ତାହା ତୁରନ୍ତ ମରାମତି ପାଇଁ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

## ବାପାଙ୍କୁ ଫେରିପାଇଲେ ତେଲଙ୍ଗାନା ପରିବାର

ବରଗଡ଼,୨୦।୬(ପ୍ରେମାନନ୍ଦ ଖମାରୀ)


ଉଦ୍ଧାର କରିଥିବା ସ୍ୱେଚ୍ଛାସେବୀଙ୍କ ଗହଣରେ ଉଦ୍ଧାର ହୋଇଥିବା ବାପା ଏବଂ ତାଙ୍କ ୨ପୁଅ।

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଦଶମାଇଲ ଅଞ୍ଚଳରେ ଅସହାୟ ଅବସ୍ଥାରେ ଉଦ୍ଧାର ହୋଇଥିବା ବୃଦ୍ଧ ତେଲେଙ୍ଗାନା ରାଜ୍ୟର ଦୟାକର(୫୫) ଗୁରୁବାର ତାଙ୍କ ପରିବାରକୁ ଫେରିବାରେ ସକ୍ଷମ ହୋଇଛନ୍ତି। ନିଷ୍ଠା ପରିବାରଠାରୁ ସୂଚନା ପାଇ ଦୟାକରଙ୍କ ୨ପୁଅ କାର୍ ଯୋଗେ ନିଷ୍ଠା ଭବନକୁ ପହଞ୍ଚିଥିଲେ। ସେଠାରୁ ଦୟାକରଙ୍କୁ ସେମାନେ ନିଜ ଘର ଅଭିମୁଖେ ନେଇଥିଲେ। ଦୟାକରଙ୍କୁ ଫେରି ପାଇ ପରିବାର ଲୋକେ ଖୁସିରେ କାନ୍ଦି ପକାଇଥିଲେ। ଦୟାକର ବରଗଡ଼ ଦଶମାଇଲ ଛକରେ ରହିଥିବା ଜାଣି ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ବୁଧବାର ସେଠାକୁ ପହଞ୍ଚିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ନିଷ୍ଠା ଭବନକୁ ସେ ଆଣିଥିଲେ। ତାଙ୍କ ପାଖରେ ମିଳିଥବା ରେଲୱେ ବିଭାଗ ଉଲ୍ଲେଖିତ ପରିଚୟପତ୍ରରୁ ବୃଦ୍ଧଙ୍କ ଠିକଣା ମିଳିଥିଲା। ଏହାପରେ ନିଷ୍ଠା ପରିବାରର ସଭାପତି ରକ୍ଷପାଳ ସାହୁ, ମଦନ ମୋହନ ଦାଶ ପ୍ରମୁଖ ତାଙ୍କ ପରିବାର ସହିତ ଯୋଗାଯୋଗ କରିଥିଲେ। ଯୋଗାଯୋଗ ହେବା ପରେ ଏକ କାର୍ ଧରି ବୃଦ୍ଧଙ୍କ ୨ପୁଅ ଗୁରୁବାର ବରଗଡ଼ର ନିଷ୍ଠା ଭବନକୁ ପହଞ୍ଚି ଥିଲେ ଏବଂ ବାପାଙ୍କୁ ଫେରି ପାଇ ଖୁସିରେ ଆତ୍ମହରା ହୋଇ ପଡ଼ିଥିଲେ।

## ରେକର୍ଡ଼ ରଚିଲା ବିକାଶ ଲ' ସ୍କୁଲ

- ଟପ୍‌ଟେନ୍‌ରେ ବିକାଶର ସମସ୍ତ ଛାତ୍ରୀଛାତ୍ର
- ବିଏଏଲ୍‌ଏଲବି (ଅନର୍ସ) ଫାଇନାଲ ସେମିଷ୍ଟର ପରୀକ୍ଷା


ରାକ୍ଷୀ ପ୍ରଧାନ


ଶ୍ରୀୟା ସନମ ପଣ୍ଡା


ଶାଳିନୀ ବିଶି


ପ୍ରିୟଙ୍କା ଭୋଇ


ସଂସ୍କୃତି ପାଣିଗ୍ରାହୀ

ବରଗଡ଼,୨୦।୬(ପ୍ରେମାନନ୍ଦ ଖମାରୀ)

ସମ୍ବଲପୁର ବିଶ୍ୱବିଦ୍ୟାଳୟର ବି.ଏ ଏଲ.ଏଲ.ବି(ଅନର୍ସ) ଫାଇନାଲ ସେମିଷ୍ଟର ପରୀକ୍ଷାରେ ବରଗଡ଼ସ୍ଥିତ ବିକାଶ 'ଲ' ସ୍କୁଲର ୧୧ଛାତ୍ରୀଛାତ୍ର ଶ୍ରେଷ୍ଠ ଦଶ(ଟପ୍ ଟେନ୍) ତାଲିକାରେ ସ୍ଥାନ ପାଇ ରେକର୍ଡ଼ ରଚିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ପରୀକ୍ଷାଫଳରେ ଉକ୍ତ ସ୍କୁଲର ରାକ୍ଷୀ ପ୍ରଧାନ ପ୍ରଥମ, ଶ୍ରୀୟା ସନମ ପଣ୍ଡା ଦ୍ୱିତୀୟ, ଶାଳିନୀ ବିଶି ତୃତୀୟ, ପ୍ରିୟଙ୍କା ଭୋଇ ଚତୁର୍ଥ, ସଂସ୍କୃତି ପାଣିଗ୍ରାହୀ ପଞ୍ଚମ, ଚିନ୍ମୟୀ ଜଗତ୍ ଷଷ୍ଠ, ପ୍ରତୀକ୍ଷା ସାହୁ ସପ୍ତମ, ସୋନାଲିକା ରଥ ଅଷ୍ଟମ, ଗୁଲଜାର୍ ଫାତିମା ଓ ସ୍ୱୟଂଶ୍ରୀ ରଥ ଯୁଗ୍ମ ନବମ ଏବଂ ଦିନେଶ ଗରଡ଼ିଆ ଦଶମ ର୍‍ୟାଙ୍କ ରଖିଛନ୍ତି। ଏହି ସଫଳତାରେ ଅନୁଷ୍ଠାନର ଅଧକ୍ଷ ଡ. ବିକ୍ରମ କୁମାର ଦାସ ସମସ୍ତ କୃତୀ ଛାତ୍ରୀଛାତ୍ର, ଅଭିଭାବକ, ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଉଚ୍ଚକୋଟିର ଶିକ୍ଷାଦାନ ଏବଂ ଛାତ୍ରୀଛାତ୍ରଙ୍କ ନିରନ୍ତର ପରିଶ୍ରମ ପାଇଁ ଏହା ସମ୍ଭବ ହୋଇ ପାରିଛି ବୋଲି ସେ କହିଛନ୍ତି। ବିକାଶ ଉଚ୍ଚ ଶିକ୍ଷାନୁଷ୍ଠାନ ସମୂହର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ସଫଳ ପ୍ରଦର୍ଶନ ପାଇଁ ଅଧକ୍ଷ, ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ପ୍ରଶଂସା କରିଛନ୍ତି।

# କଳାହାଣ୍ଡି ଜିଲାରେ ଧାନ ଉତ୍ପାଦନ କମିଲା

ଭବାନୀପାଟଣା,୨୦।୬ (ଉତ୍ତମ କୁମାର ଦାଶ)



**ସରିଲା ରବି ଧାନ କିଣା**

■ ଟାର୍ଗେଟଠାରୁ କମିଲା ୧ଲକ୍ଷ ୮୬ ହଜାର କୁଇଣ୍ଟାଲ ଧାନ

କଳାହାଣ୍ଡି ଜିଲାରେ ଚଳିତବର୍ଷ ରବି (ଡାଲୁଆ) ଧାନ ସଂଗ୍ରହ ପାଇଁ ଗତ ମେ' ୨୦ ତାରିଖରେ ମଣ୍ଡି ଖୋଲିଥିଲା। ହେଲେ ଜିଲାରେ ଧାନ ଉତ୍ପାଦନ କମ୍ ଯୋଗୁ ବୁଧବାର ଜିଲାର ସମସ୍ତ ମଣ୍ଡି କାର୍ଯ୍ୟ ବନ୍ଦ ହେବା ସହ ରବି ଧାନ କିଣା ଶେଷ ହୋଇଛି। ଚଳିତ ରବି ଧାନ ସଂଗ୍ରହ ପାଇଁ ଜିଲାରେ ୨୮ଲକ୍ଷ ୯ ହଜାର ୩୫୦ କୁଇଣ୍ଟାଲ ଟାର୍ଗେଟ ରହିଥିବାବେଳେ ୨୬ଲକ୍ଷ ୨୨ହଜାର ୫୬୦.୪୮ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ଜଣାପଡିଛି। ଫଳରେ ଟାର୍ଗେଟଠାରୁ ପ୍ରାୟ ୧ଲକ୍ଷ ୮୬ ହଜାର ୭୯୦ କୁଇଣ୍ଟାଲ ଧାନ କମିଛି। ଜିଲାରେ ରବି ଧାନ ଭଲ ଉତ୍ପାଦନ ହୋଇ ନ ଥିବା ଏଥିରୁ ଜଣାପଡିଛି। ଜିଲାର ଧର୍ମଗଡ ଉପଖଣ୍ଡର ଜୁନାଗଡ ବ୍ଲକ ସମେତ କଲମପୁର, ଧର୍ମଗଡ, କୋକସରା, ଜୟପାଟଣା ଆଦି ବ୍ଲକ ଅଞ୍ଚଳରେ ବହୁ ପରିମାଣରେ ଧାନ କେଣ୍ଡାରେ ଫଳ ଧରିବା ବଦଳରେ ପୋଲ ବାହାରିଥିଲା। ଏହାର କାରଣ ପ୍ରବଳ ଖରା ତଥା ଅଦଳବଦଳ ଜଳସେଚନ ହୋଇପାରେ ବୋଲି କୃଷି ବିଜ୍ଞାନୀଙ୍କଠାରୁ ଜଣାପଡିଛି। ଇନ୍ଦ୍ରାବତୀ ଜଳଭଣ୍ଡାରରେ ପାଣି କମ୍ ଥିବାରୁ ଉଭୟ ବାମ ଓ ଦକ୍ଷିଣ କେନାଲରେ ପାଣି ପାଳି କରି ଜଳସେଚନ ଯୋଗାଇ ଦିଆଯାଇଥିଲା। ତେବେ ଧାନ କେଣ୍ଡା ଫଳ ଧରିବା ସମୟରେ ପ୍ରବଳ ଖରା ଓ ଆବଶ୍ୟକ ଅନୁଯାୟୀ ଜମିରେ ପାଣି ଅଭାବ ତଥା ରୋଗ ପୋକ ଯୋଗୁ ବ୍ୟାପକ ପରିମାଣରେ ଧାନ ପୋଲ ହୋଇଥିଲା। ବିଶେଷ କରି ଇନ୍ଦ୍ରାବତୀ ଜଳସେଚନ ଅଞ୍ଚଳରେ ଏପରି ସ୍ଥିତି ଦେଖିବାକୁ ମିଳିଥିଲା। ପୂର୍ବବର୍ଷ ଅପେକ୍ଷା ଚାଷୀ ଏଥର ରବିଧାନ କମ୍ ଅମଳ କରିଛନ୍ତି। ଜିଲାରେ ରବିଧାନ ଉତ୍ପାଦନ କମିଥିବାବେଳେ ଧାନ ସଂଗ୍ରହ ଲକ୍ଷ ଧାର୍ଯ୍ୟ ୯୦ ପ୍ରତିଶତକୁ ଛୁଇଁବା ଘଟଣା ଚାଷୀ ମନକୁ ଆନ୍ଦୋଳିତ କରୁଛି। ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତଥର ୪୧ହଜାର ୮୨୬ ଜଣ ଚାଷୀ ୨୬ଲକ୍ଷ ୨୨ହଜାର ୫୬୦.୪୮ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଜିଲାରେ ୧୫୫ଟି ମଣ୍ଡି ହୋଇଥିବାବେଳେ ୬୭ ମିଲର୍ସଙ୍କୁ ଧାନ କିଣା ଦାୟିତ୍ୱ ଦିଆଯାଇଥିଲା।

## ସଂକ୍ଷେପରେ

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଠାବ

ନୂଆପଡ଼ା,୨୦।୬(ମକାରୁ ବେମାଲ): ନୂଆପଡା ସହର ଉପକଣ୍ଠରୁ ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଛି। ସୂଚନା ମୁତାବକ ବୁଧବାର ସକାଳୁ ନୂଆପଡ଼ା ସହରର କେତେଜଣ ଲୋକ ମର୍ନିଂ ୱାକ୍‌ରେ ଯାଇଥିବାବେଳେ ସହର ଉପକଣ୍ଠ ଟାନୱାଟ ଦିଆନମୁଣ୍ଡା ରାସ୍ତାତଳେ ଏକ ମୃତଦେହ ପଡିଥିବା ଦେଖିଥିଲେ। ଖବର ପାଇ ନୂଆପଡ଼ା ଥାନା ଅଧିକାରୀ ଦିଲୀପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିଚୟ ଖୋଜିବାରେ ଲାଗିଥିଲେ। ରାସ୍ତାରେ ଯାଉଥିବା ଲୋକେ ମଧ୍ୟ ଅଟକି ଯାଇଥିଲେ। ଦିଆନମୁଣ୍ଡା ଗ୍ରାମର ଲୋକେ ମୃତବ୍ୟକ୍ତି ଜଣକ ଗ୍ରାମର ରାମକୀ ଶବର ବୋଲି ଚିହ୍ନଟ କରିଥିଲେ। ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ଲୋକଙ୍କ କହିବା ମୁତାବକ ରାମକୀ ଗତ ଦୁଇଦିନ ହେବ ଜଣେ ସମ୍ପର୍କୀୟଙ୍କ ଘରକୁ ଭୋଜି ଖାଇବାକୁ ଯାଇ ଆଉ ଫେରି ନ ଥିଲେ। ବୁଧବାର ତାଙ୍କ ମୃତ ଶରୀର ମିଳିବା ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଚାଷୀଙ୍କଠାରୁ ୨୫ହଜାର ଲୁଟ୍



କୋକସରା,୨୦।୬ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମା ପଞ୍ଚାୟତ ଲଟାପଡା ଗ୍ରାମର ଚାଷୀ ଉପେନ୍ଦ୍ର ରୋଡି ଗୁରୁବାର କୋକସରା ଷ୍ଟେଟ ବ୍ୟାଙ୍କରୁ ଧାନ ଫସଲ ବିକ୍ରି ବାବଦରେ ୨୫ ହଜାର ଟଙ୍କା ଉଠାଇ ବାଇକ୍‌ରେ ଘରକୁ ଯାଉଥିଲେ। କୋକସରା ଝରିଆଗୁଡା ରାସ୍ତାରେ ତିନିଜଣ ଦୁର୍ବୃତ୍ତ ବାଇକ୍ ଅଟକାଇ ତାଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ୨୫ ହଜାର ସହ ବାଇକ୍ ଚାବି ନେଇ ଫେରାର ମାରିଥିଲେ। ଉପେନ୍ଦ୍ର ପାଟି କରିବାରୁ କେତେଜଣ ଲୋକ ପହଞ୍ଚିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ଟେର ପାଇ ନ ଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡିଛି। ପୋଲିସ ପ୍ରଶାସନ ଲୋକଙ୍କ ଧନଜୀବନ ସୁରକ୍ଷା ପାଇଁ ସତର୍କ ଦୃଷ୍ଟି ଦେବା ସହ ଅଞ୍ଚଳରେ ବୃଦ୍ଧି ପାଉଥିବା ଆପରାଧିକ କାର୍ଯ୍ୟକଳାପ ରୋକିବାକୁ ଦାବି ହେଉଛି।

### ଘାଟିରେ କାର୍ ଓ ଟ୍ରକ୍ ଧକ୍କା: ଜଣେ ଗୁରୁତର



କୋକସରା,୨୦।୬ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ): କଳାହାଣ୍ଡି ଓ ନବରଙ୍ଗପୁର ଜିଲା ସୀମାନ୍ତ ଆମପାଣି ଘାଟିର ଏକ ବୁଲାଣିରେ ଗୁରୁବାର ସନ୍ଧ୍ୟାରେ ଜଗଦଲପୁରରୁ କଣ୍ଟାବାଞ୍ଜି ଯାଉଥିବା ଏକ କାର୍ ଓ ବିପରୀତ ଦିଗରୁ ଆସୁଥିବା ମାଲ ବୋଝେଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଟ୍ରକ୍‌ରେ ପିଟିହୋଇ କାର୍‌ର ସାମ୍ନା ପଟ ଚୁରମାର ହୋଇଯାଇଛି। ଏଥିରେ କାର୍‌ରେ ଥିବା ଡ୍ରାଇଭର ଓ ପରିବାରର ୪ ଜଣଙ୍କ ମଧ୍ୟରୁ ରବୀନ୍ଦ୍ର କୁମାର ଅଗ୍ରୱାଲ (୫୧) ଗୁରୁତର ହୋଇଥିବା ବେଳେ ତାଙ୍କ ସ୍ତ୍ରୀ, ପୁଅ ଓ ଝିଅ ସୁରକ୍ଷିତ ରହିଛନ୍ତି। ଦୁର୍ଘଟଣା ପରେ ୧୦୮ ଆମ୍ବୁଲାନ୍ସ ସହାୟତାରେ ଗୁରୁତରଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ରବୀନ୍ଦ୍ରଙ୍କୁ ଜିଲା ସଦର ହସ୍ପିଟାଲ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଛି।

# ବାଲୁକାକଳାରେ ବିଶ୍ୱ ସଙ୍ଗୀତ ଦିବସକୁ ସ୍ୱାଗତ



ଓମ୍ ପ୍ରକାଶଙ୍କ ବାଲୁକାକଳା।

କର୍ଲାମୁଣ୍ଡା,୨୦।୬(ପ୍ରଦୀପ କୁମାର ସାହୁ)

ପ୍ରତିବର୍ଷ ଜୁନ୍ ୨୧କୁ ବିଶ୍ୱ ସଙ୍ଗୀତ ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡଙ୍ଗରମୁଣ୍ଡା ଗ୍ରାମର ବାଲୁକାଶିଳ୍ପୀ ଓମ୍ ପ୍ରକାଶ ସାହୁ ତାଙ୍କ ବାଲୁକାକଳାରେ ଏହି ଦିବସକୁ ସ୍ୱାଗତ କରିଛନ୍ତି। ବାଲୁକାରେ ସେ ପଶ୍ଚିମ ଓଡ଼ିଶାର ଲୋକବାଦ୍ୟ ଢୋଲ, ମୁହୁରି, ନିଶାନ, ତାସା, ଝୁମୁକା ସମେତ ଘୁମୁରା, ମୃଦଙ୍ଗ, ମାଦଳ, ଘୁଙ୍ଗୁକା, ଖଞ୍ଜଣି, ଝାଞ୍ଜ, ଗିନି, ସାରଙ୍ଗୀ, ବୀଣା, ବଂଶୀ ଇତ୍ୟାଦିର ନିଖୁଣ ଚିତ୍ର ଅଙ୍କନ କରି ସଚେତନତା ସୃଷ୍ଟି କରିଛନ୍ତି ।

# ସଚିନଙ୍କ ପ୍ରକଳ୍ପ ଜାତୀୟ ସ୍ତରକୁ ମନୋନୀତ

ନୂଆପଡ଼ା,୨୦।୬ (ମକାରୁ ବେମାଲ)



ସଚିନ ଓ ତାଙ୍କ ମାର୍ଗଦର୍ଶିକା ଶିକ୍ଷୟିତ୍ରୀ।

ନୂଆପଡ଼ା ସଦର ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମହୁଲଭଟାର ଛାତ୍ର ସଚିନ ଦଣ୍ଡସେନା ବିଜ୍ଞାନ ପ୍ରକଳ୍ପରେ ରାଜ୍ୟସ୍ତରରୁ ଜାତୀୟ ସ୍ତରକୁ ଚୟନ ହୋଇଛନ୍ତି। ଶିକ୍ଷୟିତ୍ରୀ ସଙ୍ଗିତା ବେହୁରାଙ୍କ ମାର୍ଗଦର୍ଶନରେ ଶିଶୁ ବୈଜ୍ଞାନିକ ସଚିନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ପ୍ରକଳ୍ପ ଅନ୍‌ଲାଇନ ମାଧ୍ୟମରେ ରାଜ୍ୟସ୍ତରୀୟ ୨୦୨୨-୨୩ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରି ଜାତୀୟ ସ୍ତରରେ ପ୍ରଦର୍ଶିତ ହେବା ପାଇଁ ମନୋନୀତ ହୋଇଛନ୍ତି । ଶିଶୁ ବୈଜ୍ଞାନିକଙ୍କ ପ୍ରସ୍ତୁତ ପ୍ରକଳ୍ପ ଖାଦ୍ୟ ଶସ୍ୟକୁ କୀଟପତଙ୍ଗ ଦାଉରୁ ରକ୍ଷା କରିବା ସହ ଖାଦ୍ୟକୁ ସୁରକ୍ଷିତ ରଖି ପାର୍ଶ୍ୱ ପ୍ରତିକ୍ରିୟାରୁ ରକ୍ଷା କରିବା ଉପରେ ଆଧାରିତ। ଶିଶୁ ବୈଜ୍ଞାନିକ ସଚିନଙ୍କ ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂଏ, ଅତିରିକ୍ତ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲା ବିଜ୍ଞାନ ପରିଦର୍ଶକ ଗିରିଧାରି ସା, ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ବାଲ୍ୟ ବିବାହ ରୋକିଲା ଜିଲା ପ୍ରଶାସନ

ଖଡ଼ିଆଳ,୨୦।୬ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବାଦୀ ପଞ୍ଚାୟତର ଜୁନାନୀ ଗ୍ରାମରେ ଏକ ବାଲ୍ୟ ବିବାହକୁ ବନ୍ଦ କରିଛି ଜିଲା ପ୍ରଶାସନ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିଆର ସିଂହଙ୍କ ନେତୃତ୍ୱରେ ଟିମ୍ ଖଡ଼ିଆଳ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମୀନା କୁମାରୀ ଅଗ୍ରୱାଲ ପ୍ରମୁଖ ଜୁନାନୀ ଗ୍ରାମକୁ ଯାଇ ବିବାହକୁ ବନ୍ଦ କରିଛନ୍ତି। ପରିବାର ସହ ଟିମ୍ ସଦସ୍ୟ ବାଲ୍ୟ ବିବାହର ଅପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ପୁଅ ଓ ଝିଅର ବୟସ ୧୮ବର୍ଷ ହୋଇଥିଲା। ହେଲେ ସରକାରଙ୍କ ନିୟମ ଅନୁସାରେ ପୁଅକୁ ୨୧ ବର୍ଷ ହେବା କଥା। ଆସନ୍ତା ୨୬ ତାରିଖ ଦିନ ବିବାହ ସ୍ଥିର ହୋଇଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଗ୍ରାମରେ ପହଞ୍ଚିଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ସିକଲ୍‌ସେଲ୍ ଦିବସ

ଲାଞ୍ଜିଗଡ଼,୨୦।୬(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାଙ୍ଗଣରେ ବୁଧବାର ବିଶ୍ୱ ସିକଲ୍‌ସେଲ୍ ସଚେତନତା ଦିବସ ଅନୁଷ୍ଠିତ ହୋଇଯାଇଛି। ଡ଼. ହରିଶଙ୍କର ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା କମଳା ପାତ୍ର ମୁଖ୍ୟଅତିଥି, ଡିପିଏଚ୍‌ଓ ଡ. ରାକେଶ କୁମାର ସାହୁ ମୁଖ୍ୟବକ୍ତା ଓ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର ସମ୍ମାନିତ ଅତିଥିରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏ ଆଇଟିଡିଏ ନନ୍ଦକିଶୋର ତାଣ୍ଡି, ଡିପିଏମ୍ ଏନ୍‌ଏଚ୍‌ଏମ୍ କଳାହାଣ୍ଡି ଭବାନୀଶଙ୍କର ସାହୁ, ସିଡିପିଓ ବିଜୟଶ୍ରୀ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ୨୦୪୭ ସୁଦ୍ଧା ଭାରତକୁ ସିକିଲ ସେଲ ବା ରକ୍ତହୀନତାରୁ ମୁକ୍ତ କରିବା ନେଇ ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହାସହ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବୁଝାଇଥିଲେ। ଖବରଦାତା ଗୋପାଳ ଦାସ ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟ ଶିକ୍ଷା ସମ୍ପ୍ରସାରଣ ଅଧିକାରୀ ଦିବାକର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶାନ୍ତନୁ ସଭାପତି, ସତ୍ୟ ସାଧାରଣ ସମ୍ପାଦକ

ଭବାନୀପାଟଣା,୨୦।୬ (ଉତ୍ତମ କୁମାର ଦାଶ)

**ମହାବୀର ସାଂସ୍କୃତିକ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ**

କଳାହାଣ୍ଡି ଜିଲା ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ସଂସ୍ଥାର ମନୋନୀତ ଅଧିକାରୀ ଓ ସଦସ୍ୟମାନେ ଯୋଗଦେଇଥିଲେ। ଚଳିତ ୨୦୨୪-୨୫ ବର୍ଷ ପାଇଁ ଅନୁଷ୍ଠାନର ନୂତନ ସଦସ୍ୟ ନିର୍ବାଚିତ ହୋଇଥିଲେ। ଏଥିରେ ସଭାପତି ଭାବେ ଶାନ୍ତନୁ ବେହେରା, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂ, ଉପସଭାପତି ସଞ୍ଜୟ କୁମାର, ଯୁଗ୍ମ ସମ୍ପାଦକ ସଞ୍ଜୀବ ସିଂ, କୋଷାଧକ୍ଷ ପ୍ରଦିପ ସିଂ, ସମ୍ପାଦକ (ସାଂସ୍କୃତିକ) ସୁଜନ୍ତା ସିଂ, ସମ୍ପାଦକ (କ୍ରୀଡ଼ା) ସୁରେଶ ଥାନାପତ ପ୍ରମୁଖ ନିର୍ବାଚିତ ହୋଇଥିଲେ। କାର୍ଯ୍ୟନିର୍ବାହୀ ସଂସ୍ଥା ସଦସ୍ୟ ଭାବେ ଅଶ୍ୱିନ କୁ. ନେଗି, ମହମ୍ମଦ ବୁରହାନ, ସୁଶିଲ କୁମାର ଗହୀର, ବିରଞ୍ଚି ପଣ୍ଡା, ନୀଳକାନ୍ତ ବେହେରା, କ୍ଷୀରସିନ୍ଧୁ ନାୟକ, ଶିବରାମ ନାୟକ, ସନ୍ତୋଶ ବେହେରା ପ୍ରମୁଖ ରହିଛନ୍ତି। ଏହି ନିର୍ବାଚନକୁ ଆଇନଜୀବୀ ରଘୁନାଥ ମହାକୁଦ ଓ ପଣ୍ଡିତ ମଙ୍ଗଳୁ ମିଶ୍ର ପରିଚାଳନା କରିଥିଲେ। ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ପୂର୍ବତନ ସଭାପତି ଜୟନ୍ତ କୁ. ବେହେରା ପରିଚାଳନା କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା: ଘର ପାଇଁ ମିଳୁନି କିସ୍ତି ଟଙ୍କା



ଲକ୍ଷ୍ମୀଙ୍କ ଭଙ୍ଗାଦଦରା ଘର।

କୋମନା,୨୦।୬(ସୋବିନ ଛତ୍ରିଆ)

ସରକାର ଗରିବ ଓ ବାସହୀନ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରୁଥିଲେ ହେଁ କେତେଜଣ ଅସାଧୁ କର୍ମଚାରୀଙ୍କ ଆନ୍ତରିକତା ଅଭାବରୁ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ଏଭଳି ଏକ ଚିତ୍ର ନୂଆପଡ଼ା ଜିଲା କୋମନା ବ୍ଲକ ନୂଆଗାଁ ପଞ୍ଚାୟତ ଟୁକଲାପଡ଼ା ଗାଁରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଟୁକଲାପଡ଼ା ଗାଁର ପୂର୍ଣ୍ଣ ବାଗଙ୍କ ସ୍ତ୍ରୀ ଲକ୍ଷ୍ମୀ ବାଗ ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ତିଆରି ପାଇଁ କାର୍ଯ୍ୟାଦେଶ ପାଇଥିଲେ। ପ୍ରଥମ କିସ୍ତିରେ ୪୦,୦୦୦ଟଙ୍କା ପଇଠ କରିବା ନିୟମ ରହିଛି। ହେଲେ କାର୍ଯ୍ୟାଦେଶ ପାଇବାର ଗୋଟିଏ ବର୍ଷ ବିତିଯାଇଥିଲେ ମଧ୍ୟ ଲକ୍ଷ୍ମୀଙ୍କ ସଞ୍ଚୟ ଜମାଖାତାରେ ଟଙ୍କା ଜମାହୋଇ ନାହିଁ। ଫଳରେ ଲକ୍ଷ୍ମୀ ଘର ତିଆରି କରି ନ ପାରି ଭଙ୍ଗା ଦଦରା କୁଡ଼ିଆରେ ଦିନ କାଟୁଛନ୍ତି। ଏ ନେଇ ଲକ୍ଷ୍ମୀ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିରରେ ଲିଖିତ ଜଣାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଏ ସମ୍ପର୍କରେ ନୂଆଗାଁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ହେମସିଂ ରାଉତଙ୍କୁ ପଚାରିବାରୁ ଲକ୍ଷ୍ମୀ ଘର ପାଇଥିବା କାର୍ଯ୍ୟାଦେଶ ଓ ବ୍ୟାଙ୍କ ସଞ୍ଚୟ ଖାତାରେ ଥିବା ନାମର ବନାନ ତଫାତ ଯୋଗୁ ଟଙ୍କା ଜମାହୋଇପାରି ନାହିଁ ବୋଲି କହିଥିଲେ।

# ଆଇନ ସଚେତନତା ଶିବିର




କେସିଙ୍ଗା ଅଦାଲତ ପରିସରରେ ଅନୁଷ୍ଠିତ ଆଇନ ସଚେତନତା ଶିବିର।

କେସିଙ୍ଗା,୨୦।୬(ତୁମେଶ୍ୱର ସାହୁ)

ତାଲୁକ ଆଇନସେବା ସମିତି କେସିଙ୍ଗା ତରଫରୁ ଅଦାଲତ ପରିସରରେ ଗୁରୁବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ପ୍ରଥମଶ୍ରେଣୀ ବିଚାରବିଭାଗୀୟ ବିଚାରପତି ତଥା ଅଧକ୍ଷ ତାଲୁକ ଆଇନ ସେବା ସମିତି କେସିଙ୍ଗା ଧନଞ୍ଜୟ ନାୟକ ଯୋଗଦେଇ ସମ୍ବିଧାନରେ ପ୍ରଦତ୍ତ ନାଗରିକର ମୌଳିକ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ବରିଷ୍ଠ ଆଇନଜୀବୀ ମନୋଜ କୁମାର ନାଗ, ସୌମ୍ୟରଞ୍ଜନ ମିଶ୍ର, କୃଷ୍ଣଚନ୍ଦ୍ର ନାଗଙ୍କ ସମେତ ପାରାଲିଗାଲ ସ୍ୱେଚ୍ଛାସେବୀ, ସାଧାରଣ ଜନତା ଓ ଅଦାଲତର କର୍ମଚାରୀ ଉପସ୍ଥିତ ଥିଲେ।

# ବିଶ୍ୱ ରକ୍ତ ଶିକୁଳି ଦିବସରେ ଆଲୋଚନାଚକ୍ର

ଖଡ଼ିଆଳ,୨୦।୬ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ରକ୍ତ ଶିକୁଳି ଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ଡ. ଅକ୍ଷୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ଜୀବବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ସୁବାସ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ରକ୍ତ ଶିକୁଳି ରୋଗର ନିରାକରଣ ଓ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଆଲୋଚନାଚକ୍ରକୁ ସହକାରୀ ପ୍ରଫେସର ଡ. ଶ୍ରୀକାନ୍ତ କୁମାର ବାରିକ ସଂଯୋଜନା କରିଥିଲେ। ଶେଷରେ ସହକାରୀ ପ୍ରଫେସର ଡ. ଶିବ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

# ଭୂମି ଅଧିଗ୍ରହଣ ନିୟମାନୁସାରେ ବିସ୍ଥାପିତଙ୍କୁ ସୁବିଧା ଦିଆଯାଉ

ଭବାନୀପାଟଣା:୨୦।୬ (ଉତ୍ତମ କୁମାର ଦାଶ)



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**ଉପଜିଲାପାଳଙ୍କୁ ପୁଣି ଦାବିପତ୍ର ଦେଲେ ୨ ଗ୍ରାମବାସୀ**

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ କମ୍ପାନୀ ଏଯାବତ ବିସ୍ଥାପିତ ସମସ୍ୟାରୁ ମୁକୁଳିପାରୁନି। ଦୀର୍ଘବର୍ଷ ଅତିକ୍ରାନ୍ତ କରିଥିଲେ ସୁଦ୍ଧା ବିସ୍ଥାପିତମାନଙ୍କ ଦାବିକୁ ନେଇ କୌଣସି ସମାଧାନର ସୂତ୍ର ବାହାରିପାରି ନାହିଁ। ଏହାକୁ ନେଇ ବିସ୍ଥାପିତ ପରିବାର ଆନ୍ଦୋଳନ କରୁଥିଲେ ମଧ୍ୟ ନିରାଶ ହେବା ସାର ହେଉଛି। ବେଦାନ୍ତ କମ୍ପାନୀ ସଂଲଗ୍ନ ବନ୍ଦଗଡ଼ ଓ କୋଟଦ୍ୱାର ଗ୍ରାମର ଗ୍ରାମବାସୀ ବିସ୍ଥାପନ ନିୟମ ଅନୁସାରେ କାଳ କାଟୁଛନ୍ତି। ସେମାନଙ୍କ ନ୍ୟାଯ୍ୟ ଦାବି ଶୁଣିବା ପରେ କମ୍ପାନୀ ଏବଂ ଜିଲା ପ୍ରଶାସନ ତରଫରୁ ନୀତିଗତ ନିଷ୍ପତ୍ତି ନେବାରେ ଅହେତୁକ ବିଳମ୍ବ ଘଟୁଛି। କେବଳ ତଦନ୍ତ ହେବ, ଯେଉଁମାନେ ପ୍ରକୃତ ହିତାଧିକାରୀ ଉପକୃତ ହେବା ନିଶ୍ଚିତ କୁହାଯାଉଛି। ଏଭଳି କଥା ଶୁଣି ଶୁଣି ପ୍ରାୟ ୧୫ବର୍ଷରୁ ବିତିଗଲଣି, କିନ୍ତୁ ସମାଧାନ ପାଇଁ ବାଟ ବାହାରୁନି। ବିସ୍ଥାପନ ଯୋଜନାରେ କ୍ଷତିଗ୍ରସ୍ତ ପରିବାର ଗତ ମାର୍ଚ୍ଚରେ ପଦଯାତ୍ରାରେ ଆସି ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ଜିଲାପାଳ ଦାବିଗୁଡିକ ସମ୍ପର୍କରେ ବିଚାର କରାଯିବ ବୋଲି କହିବା ପରେ ଧାରଣାରୁ ଉଠିଥିଲେ। ଏହାର ୩ମାସ ପରେ ବି ତାଙ୍କ ସମସ୍ୟାର ସମାଧାନ ନ ହେବାରୁ ପୁନର୍ବାର ଜିଲା ପ୍ରଶାସନକୁ ଚେତାଇଦେବାକୁ ବୁଧବାର ଦୁଇ ଗ୍ରାମର ଅଧିବାସୀ ଜିଲାପାଳ ଓ ଭବାନୀପାଟଣା ଉପଜିଲାପାଳଙ୍କ ଦାରସ୍ଥ ହୋଇଥିଲେ। ପୁଣି ପୂର୍ବଭଳି ସମସ୍ତଙ୍କ ଅଭିଯୋଗପତ୍ର ଉପଜିଲାପାଳ ଗ୍ରହଣ କରିଥିଲେ। ଏହି ସଂକ୍ରାନ୍ତରେ ଉପଜିଲାପାଳ ଡ଼. ବିଶ୍ୱଜିତ ଦାସ କହିଛନ୍ତି, ଜମି ଓ ବାସହରା ପରିବାରଙ୍କ ଯେଉଁସବୁ ଦାବି ଅଛି ପୁନର୍ବିଚାର କରାଯିବ। ଯେଉଁମାନେ ବିସ୍ଥାପିତ ଯୋଜନାରେ ତାଲିକାଭୁକ୍ତ ହୋଇନାହାନ୍ତି କିମ୍ବା ତାଲିକାରେ ରହି ମଧ୍ୟ ଉପକୃତ ହେଉନାହାନ୍ତି ସେମାନଙ୍କୁ ନ୍ୟାୟ ମିଳିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଚୋରି ଅଭିଯୋଗ, ୪ଗିରଫ

**ବରଗଡ଼, ୨୦।୬(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଟାଉନ ଥାନା ପୋଲିସ ବିଭିନ୍ନ ଚୋରି ଘଟଣାରେ ଗୁରୁବାର ୪ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବରଗଡ଼ ଟାଉନ ଥାନା ଅନ୍ତର୍ଗତ ରେଲୱେ ଷ୍ଟେଶନ ନିକଟ ତ୍ରିନାଥ ନଗରର ଲୁକୁ ପାରାଭୁଏ(୧୯), ମାଷ୍ଟରଟିକ୍ରାର ରାହୁଲ ଦୀପ୍(୨୧), ଅମ୍ବାପାଲିରେ ନିତେଶ ପାଣ୍ଡେ(୨୦) ଏବଂ ଦଶବଖରୀର ସମୀର ଜେନା(୨୧)। ସେମାନଙ୍କ ବିରୋଧରେ ପୃଥକ ଭାବେ ୩ମାମଲା(ନଂ.୩୭୪/୨୪, ୩୭୩/୨୪, ୩୭୫/୨୪) ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ଲୁକୁ ଏବଂ ରାହୁଲ ଗତ ୧୯ତାରିଖ ବରଗଡ଼ ରଙ୍ଗଘର ପଡ଼ାରେ ଘଟିଥିବା ମୋବାଇଲ ଚୋରି ଘଟଣାରେ ସମ୍ପୃକ୍ତ ଥିଲେ। ସେମାନଙ୍କ ପାଖରୁ ଚୋରି ମୋବାଇଲ ଏବଂ ଏକ ସାଇକେଲ ଜବତ ହୋଇଛି। ସେହିପରି ଅଭିଯୁକ୍ତ ନିତେଶ ଭଟଲି ଛକ ଏବଂ ଅଭିଯୁକ୍ତ ସମୀର ପଞ୍ଚାୟତ କଲେଜ ରାସ୍ତାରେ ଗତ ୧୯ତାରିଖ ଘଟିଥିବା ଚୋରି ଘଟଣାରେ ସମ୍ପୃକ୍ତ ଥିଲେ।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଠାବ

**ନୂଆପଡ଼ା,୨୦।୬(ମକାରୁ ବେମାଲ):** ନୂଆପଡା ସହର ଉପକଣ୍ଠରୁ ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଛି। ସୂଚନା ମୁତାବକ ବୁଧବାର ସକାଳୁ ନୂଆପଡ଼ା ସହରର କେତେଜଣ ଲୋକ ମର୍ନିଂ ୱାକ୍‌ରେ ଯାଇଥିବାବେଳେ ସହର ଉପକଣ୍ଠ ଟାନୱାଟ ଦିଆନମୁଣ୍ଡା ରାସ୍ତାତଳେ ଏକ ମୃତଦେହ ପଡିଥିବା ଦେଖିଥିଲେ। ଖବର ପାଇ ନୂଆପଡ଼ା ଥାନା ଅଧିକାରୀ ଦିଲୀପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିଚୟ ଖୋଜିବାରେ ଲାଗିଥିଲେ। ରାସ୍ତାରେ ଯାଉଥିବା ଲୋକେ ମଧ୍ୟ ଅଟକି ଯାଇଥିଲେ। ଦିଆନମୁଣ୍ଡା ଗ୍ରାମର ଲୋକେ ମୃତବ୍ୟକ୍ତି ଜଣକ ଗ୍ରାମର ରାମକୀ ଶବର ବୋଲି ଚିହ୍ନଟ କରିଥିଲେ। ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଘାଟିରେ କାର୍ ଓ ଟ୍ରକ୍ ଧକ୍କା: ଜଣେ ଗୁରୁତର

**କୋକସରା,୨୦।୬ (ଦୁଷ୍ମନ୍ତ କୁମାର ପାଇଯୋଷୀ):** କଳାହାଣ୍ଡି ଓ ନବରଙ୍ଗପୁର ଜିଲା ସୀମାନ୍ତ ଆମପାଣି ଘାଟିର ଏକ ବୁଲାଣିରେ ଗୁରୁବାର ସନ୍ଧ୍ୟାରେ ଜଗଦଲପୁରରୁ କଣ୍ଟାବାଞ୍ଜି ଯାଉଥିବା ଏକ କାର୍ ଓ ବିପରୀତ ଦିଗରୁ ଆସୁଥିବା ମାଲ ବୋଝେଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଟ୍ରକ୍‌ରେ ପିଟିହୋଇ କାର୍‌ର ସାମ୍ନା ପଟ ଚୁରମାର ହୋଇଯାଇଛି। ଏଥିରେ କାର୍‌ରେ ଥିବା ଡ୍ରାଇଭର ଓ ପରିବାରର ୪ ଜଣଙ୍କ ମଧ୍ୟରୁ ରବୀନ୍ଦ୍ର କୁମାର ଅଗ୍ରୱାଲ (୫୧) ଗୁରୁତର ହୋଇଥିବା ବେଳେ ତାଙ୍କ ସ୍ତ୍ରୀ, ପୁଅ ଓ ଝିଅ ସୁରକ୍ଷିତ ରହିଛନ୍ତି।

# ସରିନି ଧାନବିକ୍ରି, ବର୍ଷା ସାଜିଲା କାଳ

**ବରଗଡ଼,୨୦।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଚାଷୀଙ୍କ ଦୁଃଖ ସରୁନି। ଜିଲାରେ ବର୍ତ୍ତମାନ ରବି ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ଏହି ପ୍ରକ୍ରିୟା ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ଏବେ ମଧ୍ୟ ଜିଲାର ବିଭିନ୍ନ ମଣ୍ଡିରେ ବିକ୍ରି ଅପେକ୍ଷାରେ ବହୁ ପରିମାଣରେ ଧାନ ପଡି ରହିଛି। ଗୋଦାମ ଅଭାବରୁ ଅନେକ ସ୍ଥାନରେ ଖୋଲା ଆକାଶ ତଳେ ଧାନ ପଡିଛି। ଏଭଳି ସ୍ଥିତିରେ ବର୍ଷା ହେବା ଯୋଗୁ ସେହି ଧାନ ପ୍ରଭାବିତ ହୋଇଛି ଏବଂ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଅପରପକ୍ଷରେ ସାମାନ୍ୟ ବର୍ଷା ହେଲେ ମଣ୍ଡି ଗୁଡିକରେ କଟନୀଛଟନୀ ଜୋର୍ ଧରୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଆର୍ଦ୍ରତା ଆଳଦେଖାଇ କୁଇଣ୍ଟାଲ ପ୍ରତି ୫ରୁ ୭କି.ଗ୍ରା ଧାନ କଟନିଛଟନି କରାଯାଉଥିବା ଅଭିଯୋଗ ହେଉଛି। ତେବେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ କଟନିଛଟନି ଚାଲିଥିଲେ ସୁଦ୍ଧା ସେଥିରେ ଅଙ୍କୁଶ ଲଗା ନ ଯିବାରୁ ଚାଷୀ ଅସନ୍ତୋଷ ବଢିବାରେ ଲାଗିଛି।

ଗତମାସ ୧୦ତାରିଖରୁ ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧିନ ମଣ୍ଡିଗୁଡିକରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଜିଲାର ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧିନ ମଣ୍ଡି ଖୋଲିଥିଲା। ତେବେ ଏଥର ଚିରାଚରିତ ଢଙ୍ଗରେ ଧାନ କିଣାବିକା ଆରମ୍ଭ ହୋଇଥିଲା। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ଦିନଠାରୁ ଅବ୍ୟବସ୍ଥା ଦେଖାଯାଇଥିଲା। ଯେଉଁ ଚାଷୀମାନେ ଧାନ ଅମଳ କରିଥିଲେ, ସେମାନଙ୍କୁ ସେତେବେଳେ ମିଳିଥିବା ଟୋକନରେ ନିର୍ଦ୍ଧାରିତ ବିକ୍ରି ଦିବସ ଯଥେଷ୍ଟ ବିଳମ୍ବ ରହିଥିବାବେଳେ ଧାନ ଅମଳ କରି ନ ଥିବା ଚାଷୀଙ୍କ ଟୋକନରେ ବିକ୍ରି ଦିବସ ଆଗୁଆ ରହିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଚାଷୀ ହରଡ଼ଘଣାରେ ପଡିଥିଲେ। କାହାର ଧାନ ବିକ୍ରି ବିଳମ୍ବ ହୋଇଥିଲା ତ ଆଉ କେହି ଚାଷୀଙ୍କ ଟୋକନ ଅବଧି ସରି ବସିଥିଲା।

ସେହିପରି ଜିଲାରେ ଖୋଲିଥିବା ମଣ୍ଡିଗୁଡିକରେ ଧାନକ୍ରୟ ସଂସ୍ଥା, ମଣ୍ଡି କର୍ମଚାରୀ ଏବଂ ମିଲର୍ସଙ୍କ ସ୍ୱେଚ୍ଛାଚାରିତା ଯୋଗୁ ଚାଷୀମାନଙ୍କୁ ଆହୁରି ହଟହଟା ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ବିନା କଟନିଛଟନିରେ ଧାନ କିଣିବାକୁ ସେମାନେ ସିଧାସଳଖ ମନା କରି ଦେଉଥିବା ଅଭିଯୋଗ ହୋଇଛି। ଏପରିକି ସେଭଳି ଆଳଦେଖାଇ ଦୀର୍ଘଦିନ ଧରି ମଣ୍ଡିରୁ ଧାନ ଉଠାଉ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ସେଭଳି ସ୍ଥିତିରେ କେତେକ ଚାଷୀ ବାଧହୋଇ ବେପାରୀ ତଥା ମିଲର୍ସଙ୍କ ଏଜେଣ୍ଟଙ୍କ ହାତରେ କମ ଦରରେ ଧାନ ଟେକି ଦେଉଥିବା ପରିଲକ୍ଷିତ ହୋଇଛି। ଅନ୍ୟପଟେ ଅନେକ ଚାଷୀ ସେମାନଙ୍କ ଅମଳ ଧାନକୁ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରିବା ପାଇଁ ମଣ୍ଡିରେ ପକାଇଛନ୍ତି। ତେବେ ସେମାନଙ୍କୁ କାଳବୈଶାଖୀ କାଳ ସାଜିଛି। ଗୁରୁବାର ଅପରାହ୍ନରୁ ବର୍ଷା ଲାଗି ରହିଥିବାରୁ ଚାଷୀମାନଙ୍କୁ ହଟହଟା ହେବାକୁ ପଡିଛି। ଗୋଦାମ ଅଭାବରୁ ତାରପୋଲିନ ଘୋଡାଇ ମଣ୍ଡିର ଖୋଲା ଆକାଶ ତଳେ ସେମାନେ ବିକ୍ରି ପାଇଁ ଧାନ ରଖିଥିଲେ। କିନ୍ତୁ ବର୍ଷା ହେବା ଯୋଗୁ ଆର୍ଦ୍ରତା ଆଳରେ ଧାନ କ୍ରୟ ସଂସ୍ଥା କର୍ମଚାରୀମାନେ ସେମାନଙ୍କ ଧାନ ଉଠାଇବା ସମୟରେ ଅଧିକ କଟନିଛଟନି କରିବେ, ଏହି ଆଶଙ୍କାରେ ସମ୍ପୃକ୍ତ ଚାଷୀମାନେ ଅଛନ୍ତି। ତେବେ ଏ ନେଇ ଚାଷୀନେତା ହର ବଣିଆଁ କହିଛନ୍ତି, ମଣ୍ଡିକୁ ଚାଷୀ ଧାନ ପହଞ୍ଚାଇବା ପରେ ତାକୁ ସୁରକ୍ଷିତ ରଖିବା ନିୟନ୍ତ୍ରିତ ବଜାର କମିଟିର କର୍ତ୍ତବ୍ୟ। ଏହାସତ୍ତ୍ୱେ ସେଭଳି ସ୍ଥିତିରେ ମଣ୍ଡି କର୍ମଚାରୀମାନେ କଟନିଛଟନି କରିବା ଦୁର୍ଭାଗ୍ୟଜନକ ଏବଂ ଚାଷୀମାନେ ତା'ର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।


ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡଭଗା ମଣ୍ଡିରେ ବିକ୍ରି ଅପେକ୍ଷାରେ ରହିଥିବା ଧାନ।

# ଆପାର୍ଟମେଣ୍ଟରେ ଲାଗିଲା ନିଆଁ


ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରୁଛନ୍ତି।

**ବରଗଡ଼, ୨୦।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରସ୍ଥିତ ବଦ୍ରିପ୍ରସାଦ ଆପାର୍ଟମେଣ୍ଟରେ ଗୁରୁବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ସମୟରେ ଉକ୍ତ ଆପାର୍ଟମେଣ୍ଟର ବ୍ଲକ ଇ, ଫ୍ଲାଟ୍ ନଂ. ୩୦୬ରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ କୌଣସି ଜୀବନହାନୀ ହୋଇନାହିଁ। ତେବେ ଅଗ୍ନିକାଣ୍ଡ ପରେ ଅଞ୍ଚଳ ଧୂଆଁମୟ ହୋଇ ଯାଇଥିଲା। ଲୋକେ ଭୟରେ ଆପାର୍ଟମେଣ୍ଟରୁ ତଳକୁ ଓହ୍ଲାଇ ଆସିଥିଲେ। ଖବରପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳକୁ ପହଞ୍ଚି ଥିଲେ ଏବଂ ନିଆଁକୁ ଆୟତ୍ତ କରିଥିଲେ। ତେବେ କିଭଳି ପରିସ୍ଥିତିରେ ନିଆଁ ଲାଗିଥିଲା, ତାହା ଜଣାପଡ଼ି ନାହିଁ।

# ରାସ୍ତା ଉପରକୁ ମାଡି ଆସୁଛନ୍ତି ଦୋକାନୀ: ଟ୍ରାଫିକ ସମସ୍ୟା ଗୁରୁତର


ପଦ୍ମପୁରର ମୁଖ୍ୟ ରାସ୍ତା ଓ ଭେଉଁରିଆ ଛକ।

**ପଦ୍ମପୁର,୨୦।୬(ପ୍ରଦୀପ୍ତ ଦାଶ)**

ପଦ୍ମପୁର ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେଲାଣି। ଅନେକ ଉଠା ଦୋକାନୀ ରାସ୍ତା ଉପରକୁ ମାଡି ଆସୁଥିବା ଅଭିଯୋଗ ହେଉଛି। ଫଳରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସହରବାସୀ। ପଦ୍ମପୁର ମୁଖ୍ୟ ରାସ୍ତା ଦେଇ ପ୍ରତିଦିନ ପଡୋଶୀ ଛତିଶଗଡ଼ ସମେତ ଆନ୍ଧ୍ରପ୍ରଦେଶ ସମେତ ଅନ୍ୟାନ୍ୟ ରାଜ୍ୟ ଓ ସହରରୁ ବଡ଼ବଡ଼ ଟ୍ରକରେ ସାମଗ୍ରୀ ଆସି ଏହି ରାସ୍ତା ଦେଇ ଯାଇଥାଏ। ରାସ୍ତା ଦିନକୁ ଦିନ ସଂକୁଚିତ ହେଉଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ସେହିପରି ରାସ୍ତା କଡରେ ଥିବା ଦୋକାନୀ ମାନେ ଜବରଦଖଲ କରି ନିଜ ଦୋକାନକୁ ଆଗକୁ ୪ଫୁଟ ବଢାଇ ଦେଉଥିବାରୁ ଗାଡି ଚଳାଚଳ ମଧ୍ୟ ଠିକ ଭାବରେ ହୋଇପାରୁନାହିଁ। କିଛି ବର୍ଷ ଆଗରୁ ପ୍ରଶାସନ ତରଫରୁ ଏହି ଜବରଦଖଲକୁ ହଟାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୁଣି ସେଠାରେ ଜବରଦଖଲ କରି ଦୋକାନ ମାନ ଖୋଲିଛନ୍ତି। ମାତ୍ର ଏ ଭିତରେ ପଦ୍ମପୁର ଏନଏସି ନିର୍ବାହୀ ଅଧିକାରୀ ତରଫରୁ ଡାକବାଜିରେ ଜବରଦଖଲ ଉଚ୍ଛେଦ ପାଇଁ ଦୋକାନୀମାନଙ୍କୁ ତାଗିଦ କରାଯାଉଛି। ଭେଉଁରିଆ ଛକଠାରୁ ପାଟଣାଗଡ ରୋଡ, ଭେଉଁରିଆ ଛକ ଠାରୁ ଲଖମରା ରୋଡ, କଚେରୀ ଛକ ଠାରୁ ଅବକାରୀ ଅଫିସ ପର୍ଯ୍ୟନ୍ତ ଚିହ୍ନିତ କରାଯାଇଥିବା ଅନାଧିକୃତ ଦୋକାନକୁ ଉଚ୍ଛେଦ କରିବା ସହ ରାସ୍ତାର ଉଭୟ ପାର୍ଶ୍ୱର ଡ୍ରେନ ନିର୍ମାଣ ଓ ଭେଉଁରିଆ ଛକର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ଘୋଷଣା କରାଯାଇଛି। ଏ ସମ୍ପର୍କରେ ଏନଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ କହିଛନ୍ତି ଯେ, ପଦ୍ମପୁର ଅତିରିକ୍ତ ଜିଲାପାଳ ଶୁକ୍ରବାର ଏ ସଂକ୍ରାନ୍ତରେ ବିଭିନ୍ନ ଅଧିକାରୀଙ୍କୁ ଆଲୋଚନା ପାଇଁ ଡାକିଛନ୍ତି। ଆଲୋଚନା ପରେ କେବେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ ଜଣାପଡିବ ବୋଲି କହିଛନ୍ତି ।

### ବାଲ୍ୟ ବିବାହ ରୋକିଲା ଜିଲା ପ୍ରଶାସନ

**ଖଡ଼ିଆଳ,୨୦।୬ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବାଦୀ ପଞ୍ଚାୟତର ଜୁନାନୀ ଗ୍ରାମରେ ଏକ ବାଲ୍ୟ ବିବାହକୁ ବନ୍ଦ କରିଛି ଜିଲା ପ୍ରଶାସନ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିଆର ସିଂହଙ୍କ ନେତୃତ୍ୱରେ ଟିମ୍ ଖଡ଼ିଆଳ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମୀନା କୁମାରୀ ଅଗ୍ରୱାଲ ପ୍ରମୁଖ ଜୁନାନୀ ଗ୍ରାମକୁ ଯାଇ ବିବାହକୁ ବନ୍ଦ କରିଛନ୍ତି। ପରିବାର ସହ ଟିମ୍ ସଦସ୍ୟ ବାଲ୍ୟ ବିବାହର ଅପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ପୁଅ ଓ ଝିଅର ବୟସ ୧୮ବର୍ଷ ହୋଇଥିଲା। ହେଲେ ସରକାରଙ୍କ ନିୟମ ଅନୁସାରେ ପୁଅକୁ ୨୧ ବର୍ଷ ହେବା କଥା। ଆସନ୍ତା ୨୬ ତାରିଖ ଦିନ ବିବାହ ସ୍ଥିର ହୋଇଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଗ୍ରାମରେ ପହଞ୍ଚିଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ସିକଲ୍‌ସେଲ୍ ଦିବସ

**ଲାଞ୍ଜିଗଡ଼,୨୦।୬(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାଙ୍ଗଣରେ ବୁଧବାର ବିଶ୍ୱ ସିକଲ୍‌ସେଲ୍ ସଚେତନତା ଦିବସ ଅନୁଷ୍ଠିତ ହୋଇଯାଇଛି। ଡ଼. ହରିଶଙ୍କର ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା କମଳା ପାତ୍ର ମୁଖ୍ୟଅତିଥି, ଡିପିଏଚ୍‌ଓ ଡ. ରାକେଶ କୁମାର ସାହୁ ମୁଖ୍ୟବକ୍ତା ଓ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର ସମ୍ମାନିତ ଅତିଥିରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏ ଆଇଟିଡିଏ ନନ୍ଦକିଶୋର ତାଣ୍ଡି, ଡିପିଏମ୍ ଏନ୍‌ଏଚ୍‌ଏମ୍ କଳାହାଣ୍ଡି ଭବାନୀଶଙ୍କର ସାହୁ, ସିଡିପିଓ ବିଜୟଶ୍ରୀ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ୨୦୪୭ ସୁଦ୍ଧା ଭାରତକୁ ସିକିଲ ସେଲ ବା ରକ୍ତହୀନତାରୁ ମୁକ୍ତ କରିବା ନେଇ ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହାସହ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବୁଝାଇଥିଲେ। ଖବରଦାତା ଗୋପାଳ ଦାସ ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟ ଶିକ୍ଷା ସମ୍ପ୍ରସାରଣ ଅଧିକାରୀ ଦିବାକର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ

**ବରଗଡ଼,୨୦।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବିଜେପୁର ବ୍ଲକ ଖରମୁଣ୍ଡା ପଞ୍ଚାୟତର ଦିବ୍ୟାଙ୍ଗ ବୈଶାଖୁ ସାହୁଙ୍କୁ ଗୁରୁବାର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଏକ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ସ୍ଥାନୀୟ ସାମାଜିକ କର୍ମୀ ରଶ୍ମିତା ମେହେର ଦୀର୍ଘଦିନ ହେଲା ଦିବ୍ୟାଙ୍ଗ ବୈଶାଖୁଙ୍କୁ ଟ୍ରାଇସାଇକେଲ ପ୍ରଦାନ କରିବାକୁ ପ୍ରଶାସନ ପାଖରେ ଅନୁରୋଧ କରି ଆସୁଥିଲେ। ବୈଶାଖୁ ଦୀର୍ଘ ୧୨ବର୍ଷରୁ ଉର୍ଦ୍ଧ୍ୱ ହେବ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ ଏବଂ ସେହିଦିନଠାରୁ ସେ ଦିବ୍ୟାଙ୍ଗ ହୋଇ ପଡ଼ିଛନ୍ତି। ଗୁରୁବାର ଟ୍ରାଇସାଇକେଲ ପାଇଁ ସେ ଖୁସିବ୍ୟକ୍ତ କରିଛନ୍ତି।


ଦିବ୍ୟାଙ୍ଗ ବୈଶାଖୁ ସାହୁଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଉଛି।


ଏଡିଏମ୍‌ଙ୍କୁ କ୍ରୀଡ଼ାବିତ୍‌ମାନେ ଭେଟୁଛନ୍ତି।

# ଏଡିଏମ୍‌ଙ୍କୁ ଭେଟିଲେ କ୍ରୀଡ଼ାବିତ୍

**ବରଗଡ଼,୨୦।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ କ୍ରୀଡ଼ାବିତ୍‌ଙ୍କ ବିକାଶ ତଥା ଏହାର ଭିତ୍ତିଭୂମି ସକାଶେ ଆବଶ୍ୟକ ଜମି ଯୋଗାଇ ଦେବା ପାଇଁ ଦାବି ହୋଇଛି। ଏହି କ୍ରମରେ ଗୁରୁବାର କ୍ରୀଡ଼ାବିତ୍ ତଥା କୋଚ୍ ଶିବ ମିଶ୍ରଙ୍କ ନେତୃତ୍ୱରେ ଅଲିମ୍ପିଆନ ଦୂତୀ ଚାନ୍ଦ, ପ୍ରତୀକ ମହାରଣା ପ୍ରମୁଖ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟିବାକୁ ଯାଇଥିଲେ। ଜିଲାପାଳ ଗୋୟଲଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ(ଏଡ଼ିଏମ) ମଧୁଛନ୍ଦା ସାହୁଙ୍କୁ ଭେଟି ସେମାନେ ସେ ନେଇ ଆଲୋଚନା କରିଥିଲେ। ବରଗଡ଼ ଜିଲାରେ କ୍ରୀଡ଼ାକ୍ଷେତ୍ରରେ ଅନେକ ପ୍ରତିଭା ଅଛନ୍ତି। କିନ୍ତୁ ସେମାନଙ୍କ ବିକାଶ ପାଇଁ ଏଠାରେ ଆବଶ୍ୟକ ଭିତ୍ତିଭୂମି ନ ଥିବା ଅଭିଯୋଗ ହେଉଛି। ଏଥିପାଇଁ ବହୁପୂର୍ବରୁ ଦାବି ହୋଇ ଆସୁଛି। କିନ୍ତୁ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଜିଲାରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

# ପଦ୍ମପୁରର ଷ୍ଟ୍ରିଟ ଲାଇଟ: ଦିନରେ ଜଳୁଛି, ରାତିରେ ଅନ୍ଧାର

**ପଦ୍ମପୁର,୨୦।୬(ପ୍ରଦୀପ୍ତ ଦାଶ)**

ସରକାରଙ୍କ ଠାରୁ ଆରମ୍ଭ କରି ବିଦ୍ୟୁତ୍ ବିଭାଗ ପର୍ଯ୍ୟନ୍ତ ସମସ୍ତେ ବିଦ୍ୟୁତ ସଞ୍ଚୟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବାବେଳେ ପଦ୍ମପୁର ଏନଏସିରେ ଥିବା ଅଧିକାଂଶ ଷ୍ଟ୍ରିଟ ଲାଇଟ ଦିନବେଳେ ଜଳୁଥିବା ଦେଖିବାକୁ ମିଳୁଛି। ଷ୍ଟ୍ରିଟ ଲାଇଟଗୁଡିକ ସନ୍ଧ୍ୟା ୫ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଜଳୁଛି। ସେହିପରି ପଦ୍ମପୁର ଗାଇସିଲେଟ ରାସ୍ତାରେ ଲାଗିଥିବା ଲାଇଟ ଅନେକ ଦିନ ହେବ ଜଳୁନାହିଁ। ୧୧ ୱାର୍ଡ ବିଶିଷ୍ଟ ପଦ୍ମପୁର ଏନଏସି ରେ ଏହି ଆଲୋକିକରଣ ବିଲ୍ ବାବଦରେ ଲକ୍ଷ ଲକ୍ଷ ଟଙ୍କା ପୈଠ ହେଉଥିବା ବେଳେ ଅଜଥା ସମୟରେ ଏହି ଷ୍ଟ୍ରିଟ ଲାଇଟ ଜଳିବା ଦ୍ୱାରା ଏନଏସି ତହବିଲରୁ ଅଯଥା କଂପାନୀକୁ ପୋଷିବା ହେଉଛି। ସେହିପରି ଯେଉଁ ଅଞ୍ଚଳରେ ଷ୍ଟ୍ରିଟ ଲାଇଟ ଜଳୁନାହିଁ ତାହା ତୁରନ୍ତ ମରାମତି ପାଇଁ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ବାପାଙ୍କୁ ଫେରିପାଇଲେ ତେଲଙ୍ଗାନା ପରିବାର

**ବରଗଡ଼,୨୦।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଦଶମାଇଲ ଅଞ୍ଚଳରେ ଅସହାୟ ଅବସ୍ଥାରେ ଉଦ୍ଧାର ହୋଇଥିବା ବୃଦ୍ଧ ତେଲେଙ୍ଗାନା ରାଜ୍ୟର ଦୟାକର(୫୫) ଗୁରୁବାର ତାଙ୍କ ପରିବାରକୁ ଫେରିବାରେ ସକ୍ଷମ ହୋଇଛନ୍ତି। ନିଷ୍ଠା ପରିବାରଠାରୁ ସୂଚନା ପାଇ ଦୟାକରଙ୍କ ୨ପୁଅ କାର୍ ଯୋଗେ ନିଷ୍ଠା ଭବନକୁ ପହଞ୍ଚିଥିଲେ। ସେଠାରୁ ଦୟାକରଙ୍କୁ ସେମାନେ ନିଜ ଘର ଅଭିମୁଖେ ନେଇଥିଲେ। ଦୟାକରଙ୍କୁ ଫେରି ପାଇ ପରିବାର ଲୋକେ ଖୁସିରେ କାନ୍ଦି ପକାଇଥିଲେ। ଦୟାକର ବରଗଡ଼ ଦଶମାଇଲ ଛକରେ ରହିଥିବା ଜାଣି ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ବୁଧବାର ସେଠାକୁ ପହଞ୍ଚିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ନିଷ୍ଠା ଭବନକୁ ସେ ଆଣିଥିଲେ। ତାଙ୍କ ପାଖରେ ମିଳିଥିବା ରେଲୱେ ବିଭାଗ ଉଲ୍ଲେଖିତ ପରିଚୟପତ୍ରରୁ ବୃଦ୍ଧଙ୍କ ଠିକଣା ମିଳିଥିଲା। ଏହାପରେ ନିଷ୍ଠା ପରିବାରର ସଭାପତି ରକ୍ଷପାଳ ସାହୁ, ମଦନ ମୋହନ ଦାଶ ପ୍ରମୁଖ ତାଙ୍କ ପରିବାର ସହିତ ଯୋଗାଯୋଗ କରିଥିଲେ। ଯୋଗାଯୋଗ ହେବା ପରେ ଏକ କାର୍ ଧରି ବୃଦ୍ଧଙ୍କ ୨ପୁଅ ଗୁରୁବାର ବରଗଡ଼ର ନିଷ୍ଠା ଭବନକୁ ପହଞ୍ଚି ଥିଲେ ଏବଂ ବାପାଙ୍କୁ ଫେରି ପାଇ ଖୁସିରେ ଆତ୍ମହରା ହୋଇ ପଡ଼ିଥିଲେ।


ଉଦ୍ଧାର କରିଥିବା ସ୍ୱେଚ୍ଛାସେବୀଙ୍କ ଗହଣରେ ଉଦ୍ଧାର ହୋଇଥିବା ବାପା ଏବଂ ତାଙ୍କ ୨ପୁଅ।

# ରେକର୍ଡ଼ ରଚିଲା ବିକାଶ ଲ' ସ୍କୁଲ

- ଟପ୍‌ଟେନ୍‌ରେ ବିକାଶର ସମସ୍ତ ଛାତ୍ରୀଛାତ୍ର
- ବିଏଲ୍‌ଏଲବି (ଅନର୍ସ) ଫାଇନାଲ ସେମିଷ୍ଟର ପରୀକ୍ଷା


ରାକ୍ଷୀ ପ୍ରଧାନ


ଶ୍ରୀୟା ସନମ ପଣ୍ଡା


ଶାଳିନୀ ବିଶି


ପ୍ରିୟଙ୍କା ଭୋଇ


ସଂସ୍କୃତି ପାଣିଗ୍ରାହୀ

**ବରଗଡ଼,୨୦।୬(ପ୍ରେମାନନ୍ଦ ଖମାରୀ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟର ବି.ଏ ଏଲ.ଏଲ.ବି(ଅନର୍ସ) ଫାଇନାଲ ସେମିଷ୍ଟର ପରୀକ୍ଷାରେ ବରଗଡ଼ସ୍ଥିତ ବିକାଶ 'ଲ' ସ୍କୁଲର ୧୧ଛାତ୍ରୀଛାତ୍ର ଶ୍ରେଷ୍ଠ ଦଶ(ଟପ୍ ଟେନ୍) ତାଲିକାରେ ସ୍ଥାନ ପାଇ ରେକର୍ଡ଼ ରଚିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ପରୀକ୍ଷାଫଳରେ ଉକ୍ତ ସ୍କୁଲର ରାକ୍ଷୀ ପ୍ରଧାନ ପ୍ରଥମ, ଶ୍ରୀୟା ସନମ ପଣ୍ଡା ଦ୍ୱିତୀୟ, ଶାଳିନୀ ବିଶି ତୃତୀୟ, ପ୍ରିୟଙ୍କା ଭୋଇ ଚତୁର୍ଥ, ସଂସ୍କୃତି ପାଣିଗ୍ରାହୀ ପଞ୍ଚମ, ଚିନ୍ମୟୀ ଜଗତ୍ ଷଷ୍ଠ, ପ୍ରତୀକ୍ଷା ସାହୁ ସପ୍ତମ, ସୋନାଲିକା ରଥ ଅଷ୍ଟମ, ଗୁଲଜାର୍ ଫାତିମା ଓ ସ୍ୱୟଂଶ୍ରୀ ରଥ ଯୁଗ୍ମ ନବମ ଏବଂ ଦିନେଶ ଗରଡ଼ିଆ ଦଶମ ର୍ୟାଙ୍କ ରଖିଛନ୍ତି। ଏହି ସଫଳତାରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ବିକ୍ରମ କୁମାର ଦାସ ସମସ୍ତ କୃତୀ ଛାତ୍ରୀଛାତ୍ର, ଅଭିଭାବକ, ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଉଚ୍ଚକୋଟିର ଶିକ୍ଷାଦାନ ଏବଂ ଛାତ୍ରୀଛାତ୍ରଙ୍କ ନିରନ୍ତର ପରିଶ୍ରମ ପାଇଁ ଏହା ସମ୍ଭବ ହୋଇ ପାରିଛି ବୋଲି ସେ କହିଛନ୍ତି। ବିକାଶ ଉଚ୍ଚ ଶିକ୍ଷାନୁଷ୍ଠାନ ସମୂହର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ସଫଳ ପ୍ରଦର୍ଶନ ପାଇଁ ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ପ୍ରଶଂସା କରିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଚିକିତ୍ସିତ ଯୁବକ ମୃତ

**ରାଉରକେଲା,୨୦।୬(ଦିନେଶ ମିଶ୍ର):** ସାପ କାମୁଡାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଲହୁଣୀପଡା ଥାନା ଘୁଷୁରୀପୋଷ ଗ୍ରାମର ରାମଚନ୍ଦ୍ର ନାଗଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ରାମଚନ୍ଦ୍ର ବୁଧବାର ରାତିରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଲହୁଣୀପଡା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ରାଉରକେଲା ଆରଜିଏଚକୁ ସ୍ଥାନାନ୍ତର କରାଯାଇଥିଲା।

### ଆର୍‌ଏସ୍‌ପି କ୍ୱାର୍ଟରରେ ଅଗ୍ନିକାଣ୍ଡ

**ରାଉରକେଲା,୨୦।୬(ସଙ୍ଗୀତା ଜେନା):** ସେକ୍ଟର-୧୯ ଥାନା ଅନ୍ତର୍ଗତ ସେକ୍ଟର-୨୦ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଜଣେ ଆର୍‌ଏସ୍‌ପି ଅଧିକାରୀଙ୍କ କମ୍ପାନୀ କ୍ୱାର୍ଟରରେ ଅଗ୍ନିକାଣ୍ଡ ହୋଇଥିବା ସୂଚନା ମିଳିଛି। ଘଟଣା ସ୍ଥଳରେ ଆର୍‌ଏସ୍‌ପି ଅଗ୍ନିଶମ ବିଭାଗର ୨ ଟି ଦମକଳ ଗାଡି ନିଆଁକୁ ଆୟତ୍ତ କରିଥିଲା। ତେବେ କେହି ଏଥିରେ କ୍ଷତିଗ୍ରସ୍ତ ହୋଇ ନ ଥିବା ଜଣାପଡ଼ିଛି। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ।

### ସାପ କାମୁଡ଼ାରେ ଜଣେ ମୃତ

**ରାଜଗାଙ୍ଗପୁର,୨୦।୬(ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକ କୁଟୁଣିଆ ପଞ୍ଚାୟତ କେନ୍ଦୁକୁଦର ଗ୍ରାମରେ ଗୁରୁବାର ସାପ କାମୁଡାରେ ଜଣେ ୫ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆସିତ ମୁଣ୍ଡୁ। ଏନେଇ ରାଜଗାଙ୍ଗପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ମୁତାବକ, ଆସିତ ବୁଧବାର ରାତିରେ ଘରେ ଶୋଇଥିବା ବେଳେ ତାଙ୍କୁ ସାପ କାମୁଡି ଦେଇଥିଲା। ପରିବାର ଲୋକେ ଗୁରୁବାର ଭୋରୁ ତାଙ୍କୁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା।

### ଶ୍ରୀମଦଭାଗବତ ପରାୟଣ ଉଦ୍‌ଯାପିତ

**ରାଉରକେଲା,୨୦।୬(ଦିନେଶ ମିଶ୍ର):** ବାସନ୍ତୀ କଲୋନୀ ସ୍ଥିତ ମାଧବ ଆଶ୍ରମ ପରିସରରେ ଆୟୋଜିତ ହୋଇଥିବା ଭାଗବତ ପରାୟଣ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଆଜିକୁ ୭ ଦିନ ଧରି ମାଧବ ଆଶ୍ରମରେ ପଣ୍ଡିତ ବିପିନ ବିହାରୀ ମହାପାତ୍ରଙ୍କ ତତ୍ତ୍ୱବଧାନରେ ପ୍ରାତଃ ସମୟରେ ରାଧାମାଧବଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ବାଲ୍ୟଧୂପ, ଅବକାଶ ପରେ ନିତ୍ୟଭୋଗ ଅର୍ପଣ କରାଯାଇଥିଲା। ଏହି ଉତ୍ସବରେ ସ୍ଥାନୀୟ ଶ୍ରଦ୍ଧାଳୁ ଉପସ୍ଥିତ ରହି ମାଧବଙ୍କ ଭଜନ ଓ ଜଣାଣ ପରିବେଷଣ କରିଥିଲେ। ପରେ ସନ୍ଧ୍ୟା ସମୟରେ ଶ୍ରୀମଦ ଭାଗବତ ପରାୟଣର ସାମୂହିକ ଶେଷ ପର୍ଯ୍ୟାୟ ପାଠ କରାଯାଇ କାର୍ଯ୍ୟକ୍ରମକୁ ସମାପନ କରାଯାଇଥିଲା। ସ୍ଥାନୀୟ ଶତାଧିକ ଭକ୍ତଙ୍କ ଉପସ୍ଥିତିରେ ଆଶ୍ରମ ପରିସରରେ ହରିନାମ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା। ମାଧବ ଆଶ୍ରମ କମିଟି ପକ୍ଷରୁ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମାଧବ ଆଶ୍ରମର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ଯୋଗ ହିଁ ଜୀବନର ମୂଳ ଆଧାର

**ରାଉରକେଲା, ୨୦।୬(ସଙ୍ଗୀତା ଜେନା)**

ଆଜି ଅନ୍ତର୍ଜାତୀୟ ଯୋଗ ଦିବସ

ଯୋଗ ଦ୍ୱାରା ଶରୀର, ମନ ଓ ସମାଜକୁ ନିୟନ୍ତ୍ରିତ କରାଯାଇପାରେ। ସୁସ୍ଥ ସମାଜ ଗଠନ ପାଇଁ ଯୋଗର ପ୍ରମୁଖ ଭୂମିକା ରହିଛି। ଯୋଗ ହିଁ ଜୀବନର ମୂଳ ଆଧାର। ରାଉରକେଲା ସମେତ ସୁନ୍ଦରଗଡ ଜିଲାରେ ଆଜୀବନ ଯୋଗୁ ବ୍ରତଭାବେ ଗ୍ରହଣ କରି ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ କେନ୍ଦ୍ର ତିଆରି କରିଛନ୍ତି କେତେକ ଲୋକ। ପରିଣତ ବୟସରେ ବି ସେମାନଙ୍କ ଯୋଗ ସାଧନା ଜାରି ରହିଛି। ଆଗାମୀ ଦିନରେ ଘରେ ଘରେ ଯୋଗ ପହଞ୍ଚାଇବା ତଥା ରୋଗକୁ ସ୍ଥାୟୀଭାବେ ନିରୋଧ କରିବା ଲକ୍ଷ୍ୟ ରଖିଛନ୍ତି।

## ଏମାନେ ଯାହା କୁହନ୍ତି...



“ ପ୍ରତ୍ୟେକ ଦିନ ଯୋଗ ଅଭ୍ୟାସ କରିବା ଉଚିତ୍। ପୁରୀର ତତ୍କାଳୀନ ଏସ୍‌ପି ମୁକୁନ୍ଦ ମିଶ୍ରଙ୍କ ଯୋଗ ଆଧାରିତ ପୁସ୍ତକରୁ ଯୋଗ ଶିକ୍ଷା ପାଇଁ ପ୍ରେରଣା ମିଳିଥିଲା। ହରିଦ୍ୱାରରୁ ଯୋଗ ଶିକ୍ଷା ଲାଭ କରିଥିଲି। ରାଉରକେଲାରୁ ଆରମ୍ଭ କରି ସମ୍ବଲପୁର, ପୁରୀ ସହ ବିଭିନ୍ନ ଜିଲା ଏବଂ ରାଜ୍ୟ ବାହାରେ ଯୋଗ ପ୍ରଶିକ୍ଷଣ ଦେଇ ଆସୁଛି। ବର୍ତ୍ତମାନ ପର୍ଯ୍ୟନ୍ତ ଲକ୍ଷାଧିକ ଲୋକଙ୍କୁ ବିଭିନ୍ନ ରୋଗରୁ ଉପଶମ ମିଳିବା ସହ ବହୁ ସଂଖ୍ୟାରେ ଯୋଗ ପ୍ରଶିକ୍ଷକ ତିଆରି କରାଯାଇଛି। ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଃଶୁଳ୍କ ଯୋଗକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ରହିଛି। ଯୋଗ ଦ୍ୱାରା ମହାମାରୀ କରୋନା ଓ ଅନେକ ରୋଗରୁ ସୁସ୍ଥତା ଲାଭ କରିବା ଉଦାହରଣ ରହିଛି।

**-ଅକ୍ଷୁର ମାର୍ଥା( ବରିଷ୍ଠ ଯୋଗ ପ୍ରଶିକ୍ଷକ, ଭାରତ ସ୍ୱାଭିମାନ ଟ୍ରଷ୍ଟର ସହ ରାଜ୍ୟ ପ୍ରଭାରୀ)**



“ ଚାକିରିରୁ ଅବସର ପରେ ସେକ୍ଟର-୨ ଉତ୍କଳ ଯୋଗକେନ୍ଦ୍ରରୁ ଶିକ୍ଷା ଲାଭ କରିଥିଲି। ବିହାରର ମୁଙ୍ଗେର ଓ ହରିଦ୍ୱାର ପତଞ୍ଜଳି ଯୋଗ ସମିତି ତତ୍ତ୍ୱାବଧାନରେ ଅଧିକ ଯୋଗ ଶିକ୍ଷା ଲାଭ କରିଥିଲି। ଏହାରି ମଧ୍ୟରେ ଆର୍‌ଏସ୍‌ପି ରିଟାୟାର୍ଡ ସଂଘରେ ପରିଚାଳିତ ଯୋଗକେନ୍ଦ୍ରରେ ନିରନ୍ତର ଯୋଗ ତାଲିମ ସହ ରାଜ୍ୟ ଓ ବାହାର ରାଜ୍ୟରେ ଅନେକ ସୁନାମ ହାସଲ କରିଛି। ଯୋଗ ଦ୍ୱାରା ଆଣ୍ଠୁଗଣ୍ଠି ରୋଗ ସମେତ ଅନେକ ବ୍ୟାଧିରୁ ଉପଶମ ମିଳିଛି। ଶେଷ ସମୟ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଲୋକଙ୍କ ପାଖରେ ପହଞ୍ଚିବ।

**-କପିଳେଶ୍ୱର ମହାରଣା (ଯୋଗଗୁରୁ)**



“ ଅବସର ଗ୍ରହଣ କରିବା ପରେ ଯୋଗକୁ ପ୍ରମୁଖତା ଦେଇ ଆସିଛି। ସମଗ୍ର ଜିଲାରେ ଅଧିକ ସଂଖ୍ୟାରେ ଯୋଗ ଓ ସାଧନାକେନ୍ଦ୍ର ଖୋଲିବା ପ୍ରୟାସ ରହିଛି। ନିକଟ ଭବିଷ୍ୟତରେ ୨ଟି କେନ୍ଦ୍ର ଖୋଲାଯିବାର ଯୋଜନା ରହିଛି। ଏଥିରେ ବିଶେଷ ଭାବେ ଯୁବପିଢ଼ୀ ଓ ପିଲାଙ୍କୁ ଜଡ଼ିତ କରିବା ପ୍ରମୁଖ ଲକ୍ଷ୍ୟ ରହିଛି।

**-ଗଙ୍ଗାଧର ଦାଶ(ଯୋଗ ପ୍ରଶିକ୍ଷକ, ଭାରତ ସ୍ୱାଭିମାନ ଟ୍ରଷ୍ଟ)**



“ ଆୟୁଷ ମନ୍ତ୍ରାଳୟରୁ ଲେବଲ୍ -୩ ଯୋଗ ପ୍ରଶିକ୍ଷିକା ଏବଂ ଇଭାକ୍ୟୁଲେଟର୍ ପ୍ରଶିକ୍ଷଣ ଶେଷ କରିବା ପରେ ଯୋଗକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଛି। ଆଧୁନିକ ତଥା କମ୍ପ୍ୟୁଟର ଯୁଗର କ୍ରମବର୍ଦ୍ଧିଷ୍ଣୁ ସ୍ନାୟୁ ଓ ଅସ୍ଥି ଜନିତ ରୋଗ, ମାନସିକ ରୋଗର ନିରାକରଣ ଭାବେ ଯୋଗକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପ୍ରୟାସ କରାଯାଇଛି। ଏହା ସହ ମହିଳାଙ୍କ ହରମୋନ ଜନିତ, ମଧୁମେହ ଆଦିକୁ ନିରୋଧ କରିବା ଉଦ୍ୟମ ହେଉଛି। ଅନୁରୂପ ଭାବେ ଶିଶୁ ଓ କିଶୋରଙ୍କ କ୍ଷେତ୍ରରେ ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ବିଭିନ୍ନ ଯୋଗ ରହିଛି।

**-ଆରତୀ କର( ଯୋଗ ପ୍ରଶିକ୍ଷିକା, ବିଏସ୍‌ଟି ମହିଳା ପ୍ରଭାରୀ)**



“ ହରିଦ୍ୱାରରୁ ଯୋଗ ଶିକ୍ଷା ପରେ ଜିଲାରେ ଯୋଗ ପ୍ରଚାର ପ୍ରସାର କରିଆସୁଛି। ପ୍ରାୟ ୩ଶହ ନିଃଶୁଳ୍କ ଯୋଗ କେନ୍ଦ୍ର ପରିଚାଳନା ସହ ସମାଜର ପ୍ରତ୍ୟେକ ବର୍ଗ ଲୋକଙ୍କୁ ଏଥିରେ ସାମିଲ କରିବାକୁ ଉଦ୍ୟ ଜାରି ରହିଛି। ଏଥିରେ ହଜାର ହଜାର ଲୋକ ସୁସ୍ଥତା ଲାଭ କରିଛନ୍ତି।

**-ନରେନ୍ଦ୍ର ବେହେରା(ଯୋଗ ପ୍ରଶିକ୍ଷକ, ଜିଲା ପ୍ରଭାରୀ ବିଏସ୍‌ଟି)**

# ହେଲାନି ଜମି ଚିହ୍ନଟ ପ୍ରକ୍ରିୟା, ଫେରିଲେ ରେଲୱେ କର୍ତ୍ତୃପକ୍ଷ

**ରାଉରକେଲା/ବନ୍ଧମୁଣ୍ଡା, ୨୦।୬ (ସଙ୍ଗୀତା ଜେନା/ ସୁବ୍ରତ ଦେ)**

**କପାଟମୁଣ୍ଡାରେ ୨ୟ ରେଲୱେ ଟ୍ରାକ ନିର୍ମାଣ ବିବାଦ**

ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ କପାଟମୁଣ୍ଡାଠାରେ ୨ୟ ରେଳ ଟ୍ରାକ ନିର୍ମାଣ ନେଇ ବିବାଦ ଦେଖାଦେଇଛି। ଗୁରୁବାର ଜମି ଚିହ୍ନଟରେ ବାଧା ସୃଷ୍ଟି ହେବାରୁ ରେଲୱେ କର୍ତ୍ତୃପକ୍ଷ ଫେରିଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକ ଉକ୍ତ ଜମି ଚିହ୍ନଟ ପାଇଁ ରାଜି ହୋଇ ନ ଥିବାରୁ ଏପରି ହୋଇଥିବା କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ନରେ ଚକ୍ରଧରପୁର ରେଳବାଇ ବରିଷ୍ଠ ଡିଏନ୍ ସନ୍ତୋଷ କୁମାର,ରେଳବାଇ ଏଡିଆର୍‌ଏମ୍ ଅଜିତ କୁମାର, ଜିଲା ମାଜିଷ୍ଟ୍ରେଟ୍, ଆର୍‌ପିଏଫ୍, ରାଉରକେଲା ଓ ବନ୍ଧମୁଣ୍ଡା ଜିଆର୍‌ପି, ୩ ପ୍ଲାଟୁନ୍ ଫୋର୍ସ କପାଟମୁଣ୍ଡାଠାରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ସ୍ଥାନୀୟ ଆଦିବାସୀମାନେ ରେଳବାଇ କର୍ତ୍ତୃପକ୍ଷଙ୍କୁ କହିଥିଲେ, ଏହି ଜମି ଚିହ୍ନଟ ପ୍ରକ୍ରିୟା ନିୟମ ବିରୁଦ୍ଧ ଅଟେ। ଏ ସମ୍ପର୍କରେ କେବଳ ସରପଞ୍ଚଙ୍କୁ ସୂଚନା ଦିଆଯାଇଥିବା ବେଳେ ଆମ ପାଖରେ କୌଣସି ଖବର ନାହିଁ। ରେଳବାଇ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ ଧମକଚମକ ଦେଇ ଜମି ଲୁଟିବା ଉଦ୍ୟମ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହା ସାମାନ୍ୟ ଚିହ୍ନଟ ପ୍ରକ୍ରିୟା ବୋଲି ରେଳବାଇ କର୍ତ୍ତୃପକ୍ଷ କହିଥିଲେ। ହେଲେ ଗ୍ରାମବାସୀ ଏଥିରେ ରାଜି ହୋଇ ନ ଥିଲେ। ଜମି ଚିହ୍ନଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭୁଲ ବୋଲି କହିଥିଲେ। ପ୍ରଥମେ ଗ୍ରାମବାସୀଙ୍କ ଜମି ଚିହ୍ନଟ କରାଯାଉ। ପରେ ରେଳବାଇ ନିଜ ଜମିକୁ ଚିହ୍ନଟ କରିବ। ରେଳବାଇ କର୍ତ୍ତୃପକ୍ଷ ପରେ ଗ୍ରାମବାସୀଙ୍କୁ ଜମି ଚିହ୍ନଟ ପାଇଁ ଆବେଦନ କରିବେ।

# ଲକ୍ଷ୍ୟ ପୂରଣ ନେଇ ଖଣି ସମୂହଙ୍କୁ ଆହ୍ୱାନ ଦେଲେ ଅତନୁ



**ରାଉରକେଲା,୨୦।୬(ବିପ୍ଳବ ରଞ୍ଜନ ଦାଶ)**

ବରସୁଆଁ ଆଇରନ ମାଇନ୍ସ ଉପତ୍ୟାକା ପରିଦର୍ଶନ ଅବସରରେ ଟେନସା ହାଉସଠାରେ ଆୟୋଜିତ ମତବିନିମୟ ଅଧିବେଶନରେ ଆରଏସପି ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଚଳିତ ବର୍ଷରେ ଧାର୍ଯ୍ୟିତ ଥିବା ଲକ୍ଷ୍ୟ ପୂରଣ ନେଇ ଖଣି ସମୂହଙ୍କୁ ଆହ୍ୱାନ କରିଛନ୍ତି। ସାମର୍ଥର ପୂର୍ଣ୍ଣ ଉପଯୋଗ ପୂର୍ବକ ଧାର୍ଯ୍ୟ ଆହ୍ୱାନ ମୂଳକ ଏବିପି ଲକ୍ଷ୍ୟ ହାସଲରେ ପ୍ରମୁଖ ସହଯୋଗୀ ହେବାକୁ ପ୍ରେରଣା ଦେଇଥିଲେ। ପରେ ବହୁ ପଣଧାରୀ,ବିଭିନ୍ନ ଟ୍ରେଡ ୟୁନିୟନ ପ୍ରତିନିଧି ଓ ଆରଏସପିର ଓଡିଶା ଗ୍ରୁପ ଅଫ ମାଇନ୍ସର ବହୁ ଯୁବ ଅଧିକାରୀଙ୍କ ସହିତ ପୃଥକ ପୃଥକ ଭାବେ ସାମୂହିକ ଆଲୋଚନା କରିଥିଲେ।। ଅନୁଷ୍ଠିତ ବିଭିନ୍ନ ବୈଠକରେ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବି.ଆଇ.ଏମ/କେ.ଆଇ,ଏମ ଏବଂ ଡାଲଡିହି ମାଇନ୍ସ ବିଭାଗ ଜିଏମ ଇନଚାର୍ଜ ତିଲକ ପଟ୍ଟନାୟକଙ୍କ ସମେତ ବିଆଇଏମ ଓ ଡାଲଡିହି ଆଇରନ ମାଇନ୍ସର ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଭୌମିକ ଉତ୍ପାଦନ ପରିମାଣକୁ ସର୍ବୋଚ୍ଚ କରିବା ସମେତରେ ପ୍ରତ୍ୟେକ କାର୍ଯ୍ୟଧାରାରେ ସୁରକ୍ଷା,ଗୁଣବତ୍ତା ଏବଂ ବ୍ୟୟ ନିପୁଣତା ହାସଲ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ଓ ଗୃହ ଏବଂ ସ୍ୱାସ୍ଥ୍ୟ ସୁବିଧା ବିଷୟ ଉପରେ ଆଲୋଚନା କରିବା ସହ ସମସ୍ତ କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ ପ୍ରଦାନ ନେଇ ପଣଧାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ବରିଷ୍ଠ ଅଧିକାରୀଙ୍କ ସହ ଭୌମିକ ମେନ ରିସିଭର ସବଷ୍ଟେସନ ପ୍ରକଳ୍ପ ପରିଦର୍ଶନ କରି ସିଭିଲ ଏବଂ ବୈଦ୍ୟୁତିକ ପ୍ରକଳ୍ପାଦି କାର୍ଯ୍ୟ ସ୍ଥିତିର ସମୀକ୍ଷା କରିଥିଲେ। ପ୍ରକଳ୍ପାଦିର ଅଗ୍ରଗତି ନେଇ ସମ୍ପୃକ୍ତ ଅଧିକାରୀମାନେ ଭାରାପ୍ରାପ୍ତ ନିର୍ଦ୍ଦେଶକଙ୍କୁ ବିସ୍ତୃତ ଅବଗତି କରାଇଥିଲେ। ସୂଚନାଯୋଗ୍ୟ, ଖଣି ଗୁଡିକର କାର୍ଯ୍ୟଧାରା ଓ ଖଣି ଅଞ୍ଚଳର ବିଭିନ୍ନ କଲ୍ୟାଣକାରୀ ପ୍ରୟାସର ସମୀକ୍ଷା ପାଇଁ ଡିଆଇସି ଖଣି ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଗସ୍ତରେ ସେ ବରସୁଆଁ ଖଣି ଅଞ୍ଚଳରେ ଏକ ନୂତନ ଶିଶୁ ଉଦ୍ୟାନ ଓ ସାମାଜିକ କେନ୍ଦ୍ରର ଉଦଘାଟନ କରିଥିଲେ ।

# ସେଲକୁ ମିଳିଲା ଭାରତର ଅନ୍ୟତମ ସର୍ବଶ୍ରେଷ୍ଠ ନିଯୁକ୍ତିଦାତା ମାନ୍ୟତା




କାର୍ମିକ ବିଭାଗ ନିର୍ଦ୍ଦେଶକ କେ.କେ ସିଂ ପୁରସ୍କାର ଗ୍ରହଣ କରୁଛନ୍ତି।

**ରାଉରକେଲା,୨୦।୬(ବିପ୍ଳବ ରଞ୍ଜନ ଦାଶ)**

ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ (ସେଲ) କୁ ମିଳିଛି ଦେଶର ଅନ୍ୟତମ ସର୍ବଶ୍ରେଷ୍ଠ ନିଯୁକ୍ତିଦାତା ମାନ୍ୟତା। ଭାରତୀୟ ଗ୍ରେଟ ପ୍ଲେସ ଟୁ ୱାର୍କ ଇନଷ୍ଟିଚ୍ୟୁଟ ୨୦୨୪ ଆର୍ଥିକ ବର୍ଷରେ ଦେଶର ସମସ୍ତ ରାଷ୍ଟ୍ର ନିର୍ମାଣକାରୀ କମ୍ପାନୀ ଗୁଡିକ ଭାରତର ସର୍ବଶ୍ରେଷ୍ଠ ନିଯୁକ୍ତିଦାତା ଭାବେ ସେଲକୁ ଏହି ମାନ୍ୟତା ପ୍ରଦାନ କରିଛି। ଏହି ସମ୍ମାନଜନକ ସମ୍ମାନ ସେଲର ରାଷ୍ଟ୍ରନିର୍ମାଣ ପ୍ରତି ଅଦମ୍ୟ ପ୍ରତିବଦ୍ଧତା ଏବଂ କମ୍ପାନୀ ଦ୍ୱାରା ଏକ ଉଚ୍ଚ ବିଶ୍ୱସନୀୟ କର୍ମକ୍ଷେତ୍ର ସଂସ୍କୃତି ସୃଷ୍ଟି ପାଇଁ ରହିଥିବା ପ୍ରତିବଦ୍ଧ ପ୍ରୟାସକୁ ସ୍ୱୀକୃତୀ ପ୍ରଦାନ କରିଛି। ଏହାପୂର୍ବରୁ ୨୦୨୩ ଡିସେମ୍ବରରେ ସେଲ ଭାରତ ଗ୍ରେଟ୍ ପ୍ଲେସ ଟୁ ୱାର୍କ ପ୍ରତିଷ୍ଠାନ ଦ୍ୱାରା ଗ୍ରେସ ପ୍ଲସ ଟୁ ପ୍ରମାଣପତ୍ର ଅର୍ଜନ କରିଥିଲା। ପ୍ରକାଶ ଥାଉକି, ସ୍ୱାଧିନତାର ଠିକ ପରବର୍ତ୍ତୀ ସମୟରେ ଉଦୀୟମାନ ରାଷ୍ଟ୍ର ନିର୍ମାଣରେ ରାଷ୍ଟ୍ରାୟତ ଉଦ୍ୟୋଗ ମଧ୍ୟରେ ସେଲ ଅଧିନସ୍ଥ ଇସ୍ପାତ କାରଖାନା ଗୁଡିକ ରାଷ୍ଟ୍ର ନିର୍ମାତାଭାବେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା। ଆତ୍ମନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ଏକ ବୃହତ ଧରଣର ପୁଞ୍ଜିନିବେଶ ସହିତ ଦେଶର ଦ୍ରୁତ ଶିଳ୍ପାୟନ ପାଇଁ ୫୦ ରୁ ୬୦ବର୍ଷ ପୂର୍ବେ ଭିତ୍ତିଭୂମୀ ସ୍ଥାପନ ହୋଇ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯାଇଥିଲା। ପରେ ସେଲ, ଭାରତରେ ଇସ୍ପାତ କ୍ଷେତ୍ର କ୍ରମାଗତ ଭାବେ ବୃଦ୍ଧି ପାଇ ବିଶ୍ୱର ଦ୍ୱିତୀୟ ବୃହତ ଇସ୍ପାତ ଉତ୍ପାଦନକାରୀ ଦେଶ ଭାବେ ଗଢି ଉଠି ଶୀର୍ଷ ସ୍ଥାନରେ ପହଞ୍ଚିଥିଲା। ଭାରତର ରାଷ୍ଟ୍ର ନିର୍ମାଣ ଅଭିବୃଦ୍ଧି କ୍ଷେତ୍ରରେ ସେଲ ସର୍ବୋତ୍ତମ ସ୍ଥାନ ହାସଲ କରି ଏହି ଗୌରବ ଅର୍ଜନ କରିଛି । ତେଣୁ ଭାରତର ଗ୍ରେଟ ପ୍ଲସ ଟୁ ୱାର୍କ ପ୍ରତିଷ୍ଠାନ ସେଲକୁ ସମ୍ମାନଜନକ ପୁରସ୍କାର ପ୍ରଦାନ କରିଆସୁଛି। ଯାହା ଏକ ନିରପେକ୍ଷ ମୂଲ୍ୟାଙ୍କନ ମାଧ୍ୟମରେ ସଂଗଠନକୁ ସମ୍ମାନ ଆଣି ଦେଉଛି। ମୁମ୍ବାଇରେ ଅନୁଷ୍ଠିତ ଏକ ପୁରସ୍କାର ବିତରଣ ଉତ୍ସବରେ ସେଲ ତରଫରୁ ଜୁନ ୧୯ତାରିଖରେ କାର୍ମିକ ବିଭାଗ ନିର୍ଦ୍ଦେଶକ କେ.କେ ସିଂ ଏହି ସମ୍ମାନ ଜନକ ପୁରସ୍କାରକୁ ଗ୍ରହଣ କରିଥିଲେ। ସଫଳତାରେ ଖୁସୀ ବ୍ୟକ୍ତ କରି ସେଲର ଅଧକ୍ଷ ଅମରେନ୍ଦୁ ପ୍ରକାଶ କହିଛନ୍ତି, ଭାରତର ଗ୍ରେଟ ପ୍ଲସ ଟୁ ୱାର୍କ ପ୍ରତିଷ୍ଠାନ ନିକଟରୁ ଏହି ମାନ୍ୟତା କ୍ରମାଗତ ଅର୍ଜନ କରି ଆମେ ବହୁତ ଖୁସୀ ଓ ଗର୍ବିତ। ଏହି ସମ୍ମାନଜନକ ପୁରସ୍କାର ସେଲ ସାମୂହିକଙ୍କ ବର୍ଷ ତମାମ କଠିନ ପରିଶ୍ରମ ଏବଂ ଉତ୍ସର୍ଗୀକୃତତା ପ୍ରମାଣ। ଏହି ସ୍ୱିକୃତୀ ଆମକୁ ଆହୁରୀ ଉତ୍ତମ ପ୍ରଦର୍ଶନ ପାଇଁ ଆଗକୁ ଦୃଢ ଆତ୍ମବିଶ୍ୱାସ ପ୍ରଦାନ କରିବ।

### ଅଂଶୁଘାତ ସଚେତନତା କର୍ମଶାଳା

**ରାଉରକେଲା,୨୦।୬(ଦିନେଶ ମିଶ୍ର)**

ଉଦିତନଗର ସ୍ଥିତ ଶୀତଳପଡା ଗଞ୍ଜାମ ବସ୍ତିରେ ସାଥୀ ଅନୁଷ୍ଠାନ ପକ୍ଷରୁ ଅଂଶୁଘାତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଆରଜିଏଚ୍ ଡ.ଦେବେଶ ମିଶ୍ର ଅତିଥି ଭାବେ ଯୋଗଦେଇ ଅଂଶୁଘାତ ଉପରେ ବସ୍ତିବାସୀଙ୍କୁ ସଚେତନ କରାଇଥିଲେ। ଅଂଶୁଘାତ ନିରାକରଣ ପାଇଁ ଖରାରେ ପଦାକୁ ନ ବାହାରିବା, ଥଣ୍ଡା ପାନୀୟ ସାଙ୍ଗକୁ ଘୋଳଦହି ଓ ପାଣି ପ୍ରଚୁର ମାତ୍ରାରେ ପିଇବା, ଜରୁରୀ କାମ ଥିଲେ ଛତା ଓ ଚଷମା ପିନ୍ଧି ବାହାକୁ ବାହାରିବା ଭଳି ବିଭିନ୍ନ ଉପାଦେୟ ବିଷୟରେ ଅବଗତ କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ମହିଳା ଓ ବରିଷ୍ଠ ନାଗରିକଙ୍କୁ ଓଆରଏସ୍ ଓ ଗ୍ଲୁକୋଜ୍ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସିଲୁ ଦାସ, ବିପିନ ମହାରଣା, ଲକ୍ଷ୍ମୀଧର ପଣ୍ଡା, ସୁନିତା ପଣ୍ଡା, ଗୌରୀ ମହାନ୍ତି, ଲିଷ୍ଟା ବାରିକ, ସୁରେଶ ମହାରଣା, ଦିନବନ୍ଧୁ ରାଉତ, ଗୋପାଳ ମଣ୍ଡଳଙ୍କ ସହ ସମସ୍ତ କର୍ମୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସୋନୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମେଘୁଆ ପାଗ ଯୋଗୁ ବିଳମ୍ବରେ ପହଞ୍ଚିଲେ କେନ୍ଦ୍ର ମନ୍ତ୍ରୀ ଜୁଏଲ

**ସୁନ୍ଦରଗଡ,୨୦।୬(ଜୟ ନାରାୟଣ ମେଣ୍ଡୁଲି):** ମେଘୁଆ ପାଗ ଯୋଗୁ ଗୁରୁବାର ଦିଲ୍ଲୀରୁ ଝାରସୁଗୁଡା ଆସୁଥିବା ଇଣ୍ଡିଗୋ ବିମାନଟି ନିର୍ଦ୍ଧାରିତ ସମୟରେ ଝାରସୁଗୁଡା ବିମାନ ବନ୍ଦରରେ ଅବତରଣ କରିପାରିଲା ନାହିଁ। ଫଳରେ ଏହି ବିମାନରେ ଆସୁଥିବା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ସମେତ ଅନ୍ୟ ଯାତ୍ରୀମାନେ ସାଢେ୬ଘଣ୍ଟା ବିଳମ୍ବରେ ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚିଥିଲେ। ମିଳିଥିବା ଖବର ଅନୁସାରେ, ଏହି ବିମାନଟି ଝାରସୁଗୁଡା ବିମାନ ବନ୍ଦରରେ ଅପରାହ୍ନ ୪ଟା ୪୫ରେ ପହଞ୍ଚିବା କଥା। ମାତ୍ର ବର୍ଷା ପବନ ଯୋଗୁ ବିମାନଟି ଅବତରଣ କରି ନ ପାରି ଦୀର୍ଘ ସମୟ ଚକ୍କର କାଟିବା ପରେ କୋଲକାତା ବିମାନବନ୍ଦର ଚାଲି ଯାଇଥିଲା। ସେଠାରୁ ଫେରି ରାତି ସାଢେ଼୧୦ଟାରେ ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚିଥିଲା। ଝାରସୁଗୁଡା ବିମାନ ବନ୍ଦରରେ କେନ୍ଦ୍ର ମନ୍ତ୍ରୀ ଜୁଏଲ ପହଞ୍ଚିବା ପରେ ସୁନ୍ଦରଗଡ଼ ଭାଜପାର କାର୍ଯ୍ୟକର୍ତ୍ତା ସୁଖଲାଲ ମୁଣ୍ଡା, ଇ.ଅମିୟ ପଟ୍ଟନାୟକ, ଶ୍ରୀକାନ୍ତ ଭଞ୍ଜ ଓ ଅନ୍ୟକର୍ମୀ ଓ ସମର୍ଥକମାନେ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରକାଶ ଥାଉକି, ଜୁଏଲ କେନ୍ଦ୍ର ମନ୍ତ୍ରୀ ହେବା ପରେ ପ୍ରଥମ କରି ସୁନ୍ଦରଗଡ ଗସ୍ତରେ ଆସି ପହଞ୍ଚିଛନ୍ତି। ସେ ଶୁକ୍ରବାର ରାଉରକେଲାଠାରେ ଆୟୋଜିତ ଆନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ୧୦ମାସ ପରେ ବି ପୋଲିସ ହାତ ଖାଲି

**ସୁନ୍ଦରଗଡ଼,୨୦।୬(ଜୟ ନାରାୟଣ ମେଣ୍ଡୁଲି)**

**ବିଜେଡି ନେତାଙ୍କ ଘରୁ ଡକାୟତି ମାମଲା**

ବରିଷ୍ଠ ବିଜେଡି ନେତା ତଥା ସୁନ୍ଦରଗଡ ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ଗୋପାଳ ପଧାନଙ୍କ ହେମଗିରି ଥାନା ଲୁଆବାହାଲ ସ୍ଥିତ ବାସଭବନରୁ ସଶସ୍ତ୍ର ଡକାୟତି ଘଟଣାକୁ ଇତି ମଧ୍ୟରେ ୧୦ ମାସ ବିତିଯାଇଛି। ହେଲେ ଏହି ଡାକୟତି ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଧରିବା ଦୂରର କଥା, ସେମାନଙ୍କ ବିଷୟରେ ସାମାନ୍ୟ ସୁରାକ ମଧ୍ୟ ପୋଲିସକୁ ମିଳିପାରି ନାହିଁ। ଅନ୍ୟପକ୍ଷରେ ଏହି ଡକାୟତି ମାମଲାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରି ଆସୁଛନ୍ତି। ଏଥିସହ ଗୋପାଳ ନିଜେ ଜିଲାପାଳଙ୍କୁ ଭେଟି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସେହିପରି ସେଠାରେ ଏକ ପୋଲିସ ଥାନା କିମ୍ବା ପୋଲିସ ଫାଣ୍ଡି ପାଇଁ ଦାବି ହୋଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପ୍ରକାଶଥାଉକି, ଗତ ବର୍ଷ ଅଗଷ୍ଟ ୩ତାରିଖ ବିଳମ୍ବିତ ରାତିରେ ବରିଷ୍ଠ ବିଜେଡି ନେତା ଗୋପାଳଙ୍କ ଲୁଆବାହାଲ ବାସଭବନରେ ବିଳମ୍ବିତ ରାତିରେ ୫ଜଣ ମୁଖାପିନ୍ଧା ଡକାୟତ ପସିଥିଲେ। ବନ୍ଧୁକ ମୁନରେ ପରିବାର ସଦସ୍ୟଙ୍କୁ ଗୋଡ଼ ହାତ ବାନ୍ଧିଦେବା ସହ ମାଡ ମାରି ଲାଇସେନ୍ସ ପ୍ରାପ୍ତ ବନ୍ଧୁକ, ୨୪ ରାଉଣ୍ଡ ଜୀବନ୍ତ ଗୁଳି, ୩୨ଲକ୍ଷ ଟଙ୍କା, ୪୦୦ ଗ୍ରାମ ସୁନା ଓ ୫୦୦ ଗ୍ରାମ ରୂପା ଅଳଙ୍କାର ନେଇ ଯାଇଥିଲେ। ଏପରିକି ତାଙ୍କର ଏକ ଜାଇଲୋ ଗାଡି ମଧ୍ୟ ଲୁଟ କରି ଅଧା ରାସ୍ତାରେ ଛାଡି ଦେଇଥିଲେ। ଏହା ପରେ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ଏକ ସ୍କାର୍ଡ ଗଠନ କରାଯାଇଥିଲା। ବିଭିନ୍ନ ସ୍ଥାନ ଓ ରାଜ୍ୟ ବାହାରେ ଡେରା ପକାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ଏନେଇ ସୁନ୍ଦରଗଡ ସଦର ଏସଡିପିଓ ହିମାଂଶୁ ବେହେରା କହିଛନ୍ତି, ଏହି ମାମଲାରେ ତଦନ୍ତ ଜାରି ରହିଛି। ଏକ ନୂତନ ସୂତ୍ର ମିଳିଛି। ଏହାର ଆଧାରରେ ତଦନ୍ତ ପରେ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସଫଳ ହେବ। ସେଠାରେ ନୂତନ ଫାଣ୍ଡି କିମ୍ବା ଥାନା ପ୍ରତିଷ୍ଠା ନେଇ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥିବା ସେ କହିଛନ୍ତି।

# ବଢୁନି ଶଯ୍ୟା, ତଳେ ଚିକିତ୍ସିତ ହେଉଛନ୍ତି ରୋଗୀ

**ରାଉରକେଲା,୨୦।୬(ଦିନେଶ ମିଶ୍ର)**



- ଅବ୍ୟବସ୍ଥା ଘେରରେ ଆର୍‌ଜିଏଚ୍ ମାତୃଶିଶୁ ବିଭାଗ
- ୭ ଦିନ ଭିତରେ ହେବ ସମାଧାନ: ଆର୍‌ଜିଏଚ୍ ନିର୍ଦ୍ଦେଶକ

ଅବ୍ୟବସ୍ଥା ଘେରରେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ମାତୃଶିଶୁ ବିଭାଗ। ଶଯ୍ୟା ନ ଥିବାରୁ ରୋଗୀ ତଳେ ଚିକିତ୍ସିତ ହେଉଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଆର୍‌ଜିଏଚ୍ ସହରର ଏକ ପ୍ରମୁଖ ଡାକ୍ତରଖାନା। ଏହା ଉପରେ ଛତିଶଗଡ଼ ଓ ଝାଡ଼ଖଣ୍ଡ ଲୋକେ ନିର୍ଭର କରିଥାନ୍ତି। ୨୦୧୭ ଅକ୍ଟୋବର ୨୨ରେ ୫ ମହଲା ବିଶିଷ୍ଟ ମାତୃ ଶିଶୁ ବିଭାଗକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଗର୍ଭବତୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା। ହେଲେ ବର୍ତ୍ତମାନ ଏହି ବିଭାଗରେ ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା ଅଭିଯୋଗ ହେଉଛି। ୮୦ଟି ଶଯ୍ୟା ଗର୍ଭବତୀ ଏବଂ ୨୦ଟି ଶିଶୁଙ୍କ ପାଇଁ ରହିଛି। ଶଯ୍ୟା ସଂଖ୍ୟା କମ୍ ଥିବାରୁ ଗର୍ଭବତୀ ଓ ଶିଶୁମାନେ ତଳେ ଚିକିତ୍ସିତ ହେଉଛନ୍ତି। ସେହିଭଳି ମାତୃଶିଶୁ ବିଭାଗକୁ ଆସୁଥିବା ରୋଗୀମାନଙ୍କୁ ଏକ ମହଲାରୁ ଅନ୍ୟ ମହଲାକୁ ନେବା ପାଇଁ ମାତ୍ର ୨ଟି ହୁଇଲ ଚେୟାର ବ୍ୟବସ୍ଥା ଥିବାବେଳେ ଗୋଟିଏ ଷ୍ଟ୍ରେଚର ବ୍ୟବସ୍ଥା କରାଯାଇଛି। ଫଳରେ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଡାକ୍ତରଖାନା ବାହାରେ ଲାଗିଥିବା ସୂଚନା ଫଳକ ବୋର୍ଡର ଅକ୍ଷର ସବୁ ଲିଭିଯାଇଥିବାରୁ ରୋଗୀଙ୍କ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହିସବୁ ସମସ୍ୟା ପ୍ରତି ଡାକ୍ତରଖାନା କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି। ଏନେଇ ଆର୍‌ଜିଏଚ୍ ନିର୍ଦ୍ଦେଶକ ଗଣେଶ ପ୍ରସାଦ ଦାଶଙ୍କୁ ପଚାରିବାରୁ ,ମାତୃଶିଶୁ ବିଭାଗରେ ଥିବା ସମସ୍ୟା ଗୁଡିକ ଆଗାମୀ ୭ ଦିନ ଭିତରେ ସମାଧାନ କରାଯିବ। ଏଥିସହ ମାତୃଶିଶୁ ବିଭାଗ ବାହାରେ ଲାଗିଥିବା ସୂଚନା ଫଳକ ବୋର୍ଡକୁ ତୁରନ୍ତ ପରିବର୍ତ୍ତନ କରି ନୂତନ ବୋର୍ଡ ସାଙ୍ଗକୁ ଯଥାସମ୍ଭବ ଏକାଧିକ ହୁଇଲ ଚେୟାର ଓ ଆଉ ୨ଟି ଷ୍ଟ୍ରେଚର ବଢ଼ାଇବେ ବୋଲି ଦାଶ ମତ ପ୍ରକାଶ କରିଥିଲେ।

# ଆଷାଢ଼ ହେଲା, ନାଳ ସଫେଇ ହୋଇନି

■ ଜଳାର୍ଣ୍ଣବ ହେବ ସମ୍ବଲପୁର ସହର, ବନ୍ୟା ପରିସ୍ଥିତି ସୃଷ୍ଟି ଆଶଙ୍କା

■ ସହର ମଧ ଦେଇଯାଇଛି ଧୋବିଯୋର, ହରଡ଼ଯୋର ଓ ଟାଙ୍ଗନା ନାଳ

ସମ୍ବଲପୁର,୧୯।୬(ପ୍ରମୋଦ ବହିଦାର)

ଜ୍ୟେଷ୍ଠ ଯାଇ ଆଷାଢ଼ା ମାସ ହେଲା। ଓଡ଼ିଶାର ମୌସୁମୀ ବର୍ଷା ଆରମ୍ଭ ହେଲାଣି। ପ୍ରଶାସନ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବୈଠକ କରି ସଜାଗ ବୋଲି କହିଲାଣି। ଏହା ସତ୍ତ୍ୱେ ନିର୍ଗତ ଆବର୍ଜନା ଓ ବର୍ଷା ଜଳ ନିଷ୍କାସନରେ ସହାୟକ ହେଉଥିବା ସମ୍ବଲପୁର ସହର ମଧ୍ୟରେ ଥିବା ମୁଖ୍ୟ ନାଳଗୁଡ଼ିକର ସଫେଇ ହୋଇନାହିଁ। ସହର ମଧ ଦେଇ ପ୍ରବାହିତ ହୋଇଥିବା ଧୋବିଯୋର, ହରଡ଼ଯୋର ଓ ଟାଙ୍ଗନାନାଳା ଆଦି ତିନି ମୁଖ୍ୟନାଳ ବର୍ତ୍ତମାନ ଆବର୍ଜନା ଓ ଦଳ ଭର୍ତ୍ତି ହୋଇ ରହିଛି। ଏହି ନାଳଗୁଡ଼ିକରେ ଠିକ୍ ଭାବେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ପଛୁଆ ପାଣିରେ ସମ୍ବଲପୁର ସହରରେ ବନ୍ୟା ପରିସ୍ଥିତ ସୃଷ୍ଟି ହୋଇଥାଏ। ଏପରିକି ସାମାନ୍ୟ ବର୍ଷାରେ କୁମ୍ଭାରପଡ଼ା ସାଲିଆ ବଗିଚା ରାସ୍ତାରେ ଥିବା ଧୋବିଯୋର ସାମାନ୍ୟ ବର୍ଷାରେ ଉଚ୍ଛୁଳି ଜନବସତିରେ ପାଣି ପ୍ରବେଶ କରିଥାଏ। ଯଦ୍ୱାରା ସ୍ଥାନୀୟ ଅଧିବାସୀ ଅନେକ ଅସୁବିଧାର ସମ୍ମୁଖୀନ ହୋଇ ଥାଆନ୍ତି। ଏଠାକାର ପରିସ୍ଥିତି ସମ୍ପର୍କରେ ଜିଲା ପ୍ରଶାସନ ମଧ ଭଲ ଭାବେ ଅବଗତ। ମାତ୍ର ଏହି ନାଳଗୁଡ଼ିକର ସଫେଇ ପାଇଁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଯୁଦ୍ଧକାଳୀନଭିତ୍ତିରେ ଏଦିଗରେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରା ନ ଗଲେ ବର୍ଷାଋତୁରେ ସମ୍ବଲପୁର ସହରରେ ପୁଣି ବନ୍ୟା ପରିସ୍ଥିତ ସୃଷ୍ଟି ହେବା ଆଶଙ୍କା ରହିଛି।

ସହରର ବିଭିନ୍ନ ସ୍ଥାନରେ ଥିବା ଏକାଧିକ ପୋଖରୀର ପୁନରୁଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ଏହି କାର୍ଯ୍ୟଗୁଡ଼ିକ ମଧ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ଅବିଳମ୍ବେ ଏ ଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଇ ପାରିଲେ ବର୍ଷା ଜଳରେ ମାଟି ଧୋଇ ହୋଇ ପୁଣି ପୋତି ହୋଇଯିବା ଆଶଙ୍କା ରହିଛି। ଏ ସମ୍ପର୍କରେ ମହାନଗର ନିଗମ କମିଶନର ବେଦଭୂଷଣଙ୍କୁ ପଚାରିବାରୁ ନାଳ ଗୁଡ଼ିକ ସଫେଇ କାର୍ଯ୍ୟ ଜୁନ ୨୮ ତରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ସମୟ ଧାର୍ଯ୍ୟ ହୋଇଛି। ଦାୟିତ୍ୱରେ ଥିବା ଠିକାସଂସ୍ଥାକୁ ମଧ ଏନେଇ ଅବଗତ କରାଯିବା ସହ ତାଗିଦ୍ କରାଇଛି। ସେହିପରି ଆଗମୀ ୩ରୁ ୪ ଦିନ ମଧ୍ୟରେ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବେଦଭୂଷଣ କହିଛନ୍ତି। ଜୁଲାଇ ୧ ସୁଦ୍ଧା ସମସ୍ତ ନାଳର ସଫେଇ ଓ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ସମାପ୍ତ କରିବା ପାଇଁ ଦାବି କରିଛନ୍ତି ଭାଜପା ଯୁବନେତା ସୁଧୀର ରଞ୍ଜନ ବହିଦାର। ଏହାସହ କୁମ୍ଭାରପଡ଼ା ସାଲିଆ ବଗିଚା ରାସ୍ତାରେ ଏକ ଉଚ୍ଚ କଲଭର୍ଟ ନିର୍ମାଣ ତଥା ସହରର ସମସ୍ତ ଡ୍ରେନ ଗୁଡ଼ିକୁ ଅବିଳମ୍ବେ ସଫେଇ କରିବା ଦିଗରେ ପଦକ୍ଷେପ ନେବାକୁ ସେ ନିବେଦନ କରଛନ୍ତି। କମିଶନର ବେଦଭୂଷଣଙ୍କ ସହ ସେ ଏ ନେଇ ଆଲୋଚନା କରି ଉପରୋକ୍ତ ଦାବି କରିଥିବା କହିଛନ୍ତି। ଆଲୋଚନା କାଳରେ ଆଦିତ୍ୟ ପୁରୋହିତ ଓ ରାହୁଲ ଗୁପ୍ତା ଉପସ୍ଥିତ ଥିଲେ।


ସହର ମଧ୍ୟରେ ପ୍ରବାହିତ ନାଳ ଦଳରେ ଭରି ଯାଇଛି।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଶୁଦ୍ଧ ପାନୀୟଜଳ ବ୍ୟବସ୍ଥା


ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

ସମ୍ବଲପୁର,୨୦।୬(ବି.ଶଙ୍କର)

ସମ୍ବଲପୁର ଜିଲା ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଦ୍ୟାଳୟଗୁଡିକରେ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଫ୍ରାନ୍ସ ସ୍ଥିତ ଅଗ୍ରଣୀ ଆଲୁମିନିୟମ କମ୍ପାନୀ ଫାଇବ୍ସ ସହାୟତା ଓ ରେଙ୍ଗାଲି ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାଧୀନ ଏକତା ସଙ୍ଗଠନ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଆଦିତ୍ୟ ଆଲୁମିନିୟମ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଦ୍ୱାରା ୪ଟି ବିଦ୍ୟାଳୟରେ ପ୍ରାରମ୍ଭିକ ଭାବେ ଶୁଦ୍ଧ ଜଳ ପ୍ରକଳ୍ପ ସ୍ଥାପନ କରାଯାଇ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହିକ୍ରମରେ ଜଙ୍ଗଲ ସେବାଶ୍ରମ ଓ ଗୋଲାମାଲ ଉଚ୍ଚ ମାଧମିକ ବିଦ୍ୟାଳୟରେ ଅତିଥିମାନେ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ(ଫାଇବ୍ସ) ସେବସ୍ତିଆନ କାଇଲେଥିଉ, ପ୍ରକଳ୍ପ ମୁଖ୍ୟ ଷ୍ଟିଫେନ ଅଗଷ୍ଟିନ, ଗଣପ୍ରକାଶମ ମହାବିଷ୍ଣୁ, ଆନନ୍ଦ ପ୍ରକାଶ ଓ ସୁଭାଶିଷ ନାୟକ ଯୋଗଦାନ କରିଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସୁନ୍ଦର ଭବିଷ୍ୟତ ଗଢିବା ନିମନ୍ତେ ପରାମର୍ଶ ଦେଇଥିଲେ। ଉକ୍ତ ପ୍ରକଳ୍ପ ମାଧ୍ୟମରେ ୪ ଟି ବିଦ୍ୟାଳୟର ୯୫୦ଜଣ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକ ଉପକୃତ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆଦିତ୍ୟ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ ଶ୍ୱେତା ଉପାଧ୍ୟାୟ, ସହ ପ୍ରବନ୍ଧକ ମନୋରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ସକାଳୁଆ ସ୍କୁଲ ପାଇଁ ଜିଲା ପ୍ରାଥମିକ ଶିକ୍ଷକ ସଂଘର ଦାବି

ଦେବଗଡ,୨୦।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାରେ ୨୧ରୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲଗୁଡିକୁ ଖୋଲାଯିବା ପାଇଁ ନିଷ୍ପତି ନିଆଯାଇଛି। ତେବେ ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହିତ ଅସହ୍ୟ ଗୁଳୁଗୁଳି ହେଉଥିବାରୁ ଏହି ସମୟକୁ ପରିବର୍ତ୍ତନ କରି ସକାଳ ୬ଟା ୩୦ରୁ ୧୦ଟା ପର୍ଯ୍ୟନ୍ତ ସ୍କୁଲ ଖୋଲାଯିବାକୁ ଦେବଗଡ ଜିଲା ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ)ପକ୍ଷରୁ ଦାବି କରାଯାଇଛି। ଦେବଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ)ର ସଭାପତି ତ୍ରିନାଥ ଖୁଣ୍ଟିଆ ଓ ସମ୍ପାଦକ ସୁଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ସଂଘର ବହୁ କର୍ମକର୍ତ୍ତା ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏମର୍ମରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହିତ ଅସହ୍ୟ ଗୁଳୁଗୁଳି ଯୋଗୁ ଅଭିଭାବକମାନେ ପିଲାମାନଙ୍କୁ ସ୍କୁଲକୁ ଛାଡିବାକୁ ଅସହମତି ପ୍ରକାଶ କରୁଥିବା ସଂଘ ପକ୍ଷରୁ ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି। ଏହା ସହ ଏ ବିଷୟରେ ବିଚାର କରି ଧାର୍ଯ୍ୟ ସମୟ ପରିବର୍ତ୍ତନ କରି ସକାଳ ୬ଟା ୩୦ରୁ ୧୦ ଟା ପର୍ଯ୍ୟନ୍ତ ସ୍କୁଲ ଖୋଲାଯିବାକୁ ଦାବି ଜଣାଇଛନ୍ତି।

# ସିକଲସେଲ ରୋଗମୁକ୍ତ ଭାରତ ଗଠନ ପାଇଁ ସଂକଳ୍ପ


ସିକଲ ସେଲ କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଝାରସୁଗୁଡା, ୨୦।୬ (ସଞ୍ଜୟ ମାଲି)

ଆସନ୍ତା ୨୦୪୭ ମସିହା ସୁଦ୍ଧା ଭାରତ ବର୍ଷକୁ ସିକିଲ ସେଲ ରୋଗ ମୁକ୍ତ ଦେଶ ଗଠନ ପାଇଁ ସଂକଳ୍ପ ନିଆଯାଇଛି। ଗୁରୁବାର ଝାରସୁଗୁଡ଼ା ଜିଲା ନବ ଦାସ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିବା ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜସ୍ୱ ଓ ପ୍ରଶମନ ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ପିତାମ୍ବର ମିଶ୍ର, ଝାରସୁଗୁଡ଼ା ବିଧାୟକଙ୍କ ପ୍ରତିନିଧି ସୁନିଲ ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ପ୍ରବୀର୍ କୁମାର ନାୟକ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗ ସଞ୍ଜୀବ କୁମାର ପଟେଲ, ଜିଲା ମଙ୍ଗଳ ଅଧିକାରୀ ଡମିନିକ ଟପ୍ପୋ, ଜିଲା ସମାଜ କଲ୍ୟାଣ ଅଧିକାରୀ ପୁନ୍ୟବତି ହେଲେନ ଖେସ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଧାରମନ ବର୍ଡିଆ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ମନୋଜ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସିକିଲ ସେଲ ରୋଗମୁକ୍ତ ଦେଶ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ବକ୍ତାମାନେ କହିଥିଲେ ଯେ, ଜଣକୁ ଶିକିଲ ସେଲ ରୋଗ ହୋଇଥିଲେ ନିଶ୍ଚିତ ଭାବରେ ଲୁକ୍କାୟିତ ରଖିବା ନାହିଁ। ଯଦି ଲୁକ୍କାୟିତ ରଖିବା ତା'ହେଲେ ଆମେ ଏହାକୁ ମୁକ୍ତ କରିପାରିବା ନାହିଁ। ଏଠାରେ ସୂଚନାଯୋଗ୍ୟ ଯେ, ଆସନ୍ତା ଜୁଲାଇ ୨ ତାରିଖ ମଧ୍ୟରେ ଜିଲାର ପ୍ରତି ପଞ୍ଚାୟତରେ ସିକିଲ ସେଲ ରୋଗ ଚିହ୍ନଟ କ୍ୟାମ୍ପ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ସହ ଅନ୍ୟାନ୍ୟ ପ୍ରତିନିଧି ଯୋଗ ଦେବେ। ସେହିପରି ୦ ରୁ ୪୦ ବର୍ଷ ବୟସର ସମସ୍ତ ଜନସାଧାରଣ ନିଶ୍ଚିତ ଭାବରେ ରକ୍ତ ପରୀକ୍ଷା କରିବା ଆବଶ୍ୟକ। ସିକିଲ ସେଲ ଏକ ବଂଶଗତ ରୋଗ। ଏଥିରେ ହିମୋଗ୍ଲୋବିନ ତିଆରି କରୁଥିବା ଜିନ ତ୍ରୁଟିଯୁକ୍ତ ହୋଇଥାଏ। ଆଜିର କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଜିଲା କାର୍ଯ୍ୟକ୍ରମ ପରିଚାଳକ ବୁଲୁନାଥ ସାହୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଭେକ୍ଟର ବାହିତ ରୋଗ ବିଭାଗର ବିରାଟ ରାଜା ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସୋମଦତ୍ତ ପୁରୋହିତ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ୧୨୬ ଜଣଙ୍କ ସିଲିଲ ସେଲ ପରୀକ୍ଷା କରାଯାଇଥିବା ବେଳେ ଯକ୍ଷ୍ମା ପାଇଁ କଫ ପରୀକ୍ଷା, ଡାଇବେଟିସ ଓ ଉଚ୍ଚ ରକ୍ତ ଚାପ ପାଇଁ ପରୀକ୍ଷା କରାଯାଇଥିଲା।

# ରୋଗୀଙ୍କ ପାଇଁ ନିୟମିତ ରକ୍ତଦାନ କରିବାକୁ ସଙ୍କଳ୍ପ

ସମ୍ବଲପୁର,୨୦।୬(ବି.ଶଙ୍କର)

ରକ୍ତଦାନ ସଂସ୍ଥା ତ୍ୟାଗ, ରକ୍ତଦାତା ସଂଘ ଓ ଇନ୍ଦିରା କ୍ଲବ ମିଳିତ ଆନୁକୂଲ୍ୟରେ ସିକଲ ସେଲ ଦିବସ ବୁର୍ଲାଠାରେ ପାଳିତ ହୋଇଯାଇଛି। ସେଲ ରୋଗର ଔଷଧ ଆଜି ପର୍ଯ୍ୟନ୍ତ ବାହାରି ନ ଥିବାରୁ ସଚେତନତା ମାଧ୍ୟମରେ ଉପଚାର କରି ହେବ ବୋଲି ସଭାରେ ତ୍ୟାଗର ସଭାପତି ଦୁର୍ଗା ପାଢ଼ୀ କହିଛନ୍ତି। ଏହି ଅବସରରେ ରୋଗର କାରଣ ଓ ନିରାକରଣ ପ୍ରଚାର ପୁସ୍ତିକାକୁ ଭୀମସାର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଭାବଗ୍ରାହୀ ରଥ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ତିନି ସପ୍ତାହ ଧରି ଚାଲିବ ବୋଲି ତ୍ୟାଗ ଓ ବୁର୍ଲା ରକ୍ତଦାତା ସଂଘ ପକ୍ଷରୁ ସୂଚିତ କରାଯାଇଛି। ତ୍ୟାଗ ପକ୍ଷରୁ ବୁର୍ଲା, ହୀରାକୁଦ, ସମ୍ବଲପୁର, କଣ୍ଟାପାଲି ଅଞ୍ଚଳର ନିୟମିତ ରକ୍ତ ଆବଶ୍ୟକ କରୁଥିବା ସିକଲ ସେଲ ରୋଗୀଙ୍କ ଘରକୁ ଯାଇ ରକ୍ତଦାନ କରିବାକୁ କାର୍ଯ୍ୟକ୍ରମରେ ସ୍ଥିର କରାଯାଇ ସଙ୍କଳ୍ପ କରାଯାଇଛି। ଏଥିସହ ଏହି ସମସ୍ତ ଅଞ୍ଚଳର ୧୦ ରୋଗୀଙ୍କୁ ପୋଷ୍ୟଭାବେ ତ୍ୟାଗ ଗ୍ରହଣ କରିଛି। କାର୍ଯ୍ୟକ୍ରମ ସଂଯୋଜକ ବିରଞ୍ଚି ମହାପାତ୍ର, ଲକ୍ଷ୍ମୀ ପ୍ରଧାନ, ସୁଶିଲ ବନଛୋର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚାଷୀଙ୍କ ଦାବି ରହିଲା ଶାସନ କେନାଲରେ ଛଡ଼ାଗଲା ପାଣି

ସମ୍ବଲପୁର,୨୦।୬(ଭବାନୀ ଶଙ୍କର ଭୋଇ)

ଚାଷୀଙ୍କ ଦାବି ଅନୁସାରେ ଶାସନ କେନାଲରେ ଚାଷ କାର୍ଯ୍ୟ ପାଇଁ ଗୁରୁବାର ଚଳିତ ସିଜନର ପ୍ରଥମ ଜଳ ଛଡାଯାଇଛି। କେନାଲ ଏସ୍‌ଡିଓ ଅଶୋକ ନାୟକଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା ପରେ ଚଳିତ ବର୍ଷର ପ୍ରଥମ ଜଳ କେନାଲକୁ ଛଡା ଯାଇଥିଲା। ଏହି ଅବସରରେ ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ର, ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ସାନ୍ତନୁ ପ୍ରଧାନ, ଯୋଗେଶ ଭୋଇ, ଭୈରବ ପଧାନ, ସୁଶାନ୍ତ ପଣ୍ଡା, ଦିଲିପ ସାହୁ ପ୍ରମୁଖଙ୍କ ସହ ବହୁ ଚାଷୀ ଉପସ୍ଥିତ ଥିଲେ। ଜୁଲାଇ ୧ ରୁ ଶାସନ କେନାଲ ପାଣି ଛାଡିବାକୁ କେନାଲ କର୍ତ୍ତୃପକ୍ଷ ସୂଚନା ଦେବା ପରେ ଚାଷୀମାନେ ଗତ ୧୮ତାରିଖରେ ଜଳସେଚନ କାର୍ଯ୍ୟାଳୟ ଘେରାଉ କରି ଶୀଘ୍ର କେନାଲରେ ପାଣି ଛାଡିବାକୁ ଦାବି କରିଥିଲେ। ସମ୍ବଲପୁରରେ ଚାଷ କାର୍ଯ୍ୟ ଆରମ୍ଭ କରିବା ପାଇଁ ଶାସନ କେନାଲ ଉପରେ ଚାଷୀ ମାନେ ନିର୍ଭର କରିଥାନ୍ତି। ଚାଷୀମାନେ କହିଛନ୍ତି ଯେ ଜୁନ ୧୫ ରୁ ସମ୍ବଲପୁର ଜିଲାରେ ଚାଷୀମାନେ ଖରିଫ ଚାଷ ପାଇଁ ଧାନ ତଳି ପକାଇବା ଆରମ୍ଭ କରନ୍ତି। ତେଣୁ କେନାଲ କର୍ତ୍ତୃପକ୍ଷ ଏହି ଦିବସ ସୁଦ୍ଧା କେନାଲରେ ପାଣି ଛାଡିବା ବ୍ୟବସ୍ଥା କରିବ କଥା। ତେବେ ପ୍ରତିବର୍ଷ ଶାସନ କେନାଲରେ ପାଣି ଛାଡିବାରେ ବିଳମ୍ବ କରାଯାଉଥିବାରୁ ଚାଷୀମାନେ ଆନ୍ଦୋଳନ କରୁଥିବାରୁ ଏଥିପ୍ରତି କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ଚାଷୀ ସଙ୍ଗଠନ ପକ୍ଷରୁ କୁହାଯାଇଛି।


ଶାସନ କେନାଲରେ ପାଣି ଛାଡିବା ପୂର୍ବରୁ ପୂଜାବେଳେ କର୍ତ୍ତୃପକ୍ଷ ଏବଂ ଚାଷୀ।

# ୨୫ ହଜାର ଟଙ୍କା ଲୁଟ୍ ଘଟଣା: ୬ ଗିରଫ

ଦେବଗଡ଼,୨୦।୬(ଶଶାଙ୍କଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ବୁଢାପାଳ ନିକଟରେ ଗତ ୧୨ ତାରିଖ ବିଳମ୍ବିତ ରାତି ଜଣେ ଟ୍ରେଲର ଚାଳକ ଓ କମ୍ପାନୀ କର୍ମଚାରୀଙ୍କୁ ମାଡ ମାରି ଆହତ କରିବା ସହ ବନ୍ଧୁକ ମୁନରେ ଭୟଭୀତ କରି ୨୫ ହଜାର ଟଙ୍କା ଲୁଟ କରି ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଗତ ୧୩ ତାରିଖ କୁଣ୍ଢେଇଗୋଳା ଥାନାରେ ଏକ ମାମଲା (ନଂ.୧୬୮/୨୪) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୂର୍ବରୁ ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଗୁରୁବାର ଆଉ ୬ ଜଣଙ୍କୁ ଗିରଫ କରି ଦିନ ୪ ଟାରେ କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି। ଗିରଫ ସଂଖ୍ୟା ୭କୁ ବୃଦ୍ଧି ପାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ବେଦବ୍ୟାସ ସ୍ଥିତ ଏଚଏସ କ୍ୟାରିୟର କମ୍ପାନୀର ଏକ ଟ୍ରେଲରରେ ବିଭିନ୍ନ ଯନ୍ତ୍ରାଂଶ ପରିବହନ ହେଉଥିବାବେଳେ ଗତ ୧୨ ତାରିଖ ବିଳମ୍ବିତ ରାତି ଟ୍ରେଲର ଚାଳକ ବୁଢାପାଳ ନିକଟରେ ଗାଡି ଅଟକାଇ ବିଶ୍ରାମ ନେଇଥିଲେ। କେତେଜଣ ଦୁର୍ବୃତ୍ତ ଏକ କାର ଯୋଗେ ଆସି ଟ୍ରେଲର ଚାଳକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ବଟି ମାଗିଥିଲେ। ଏହାଦେଖି ଟ୍ରେଲର ସହିତ ଏସ୍କର୍ଟରେ ଏକ ସଫାରୀ କାରରେ ଯାଉଥିବା ଥିବା କମ୍ପାନୀର ସୁପରଭାଇଜର ଜାଫର ଅଲ୍ଲୀ ଏବଂ ସଫାରୀ ଗାଡି ଚାଳକ ଦଳଜିତ ସିଂ ଘଟଣାସ୍ଥଳକୁ ଆସି ଲୁଟେରାଙ୍କ ସହ କଥାବାର୍ତ୍ତା ହେବାକୁ ଚେଷ୍ଟା କରିଥିଲେ। ଦୁର୍ବୃତ୍ତମାନେ ଅତର୍କିତ ଆକ୍ରମଣ କରିବାରୁ ଟ୍ରେଲର ଚାଳକ ଶ୍ରୀନିବାସ କୁମାର ଶର୍ମା, କମ୍ପାନୀ ସୁପରଭାଇଜର ଜାଫର ଅଲ୍ଲୀ ଏବଂ ସଫାରୀ କାର୍ ଚାଳକ ଦଳଜିତ ସିଂ ଆହତ ହୋଇଥିଲେ। ପରେ ଦୁର୍ବୃତ୍ତମାନେ ଟ୍ରେଲର ଚାଳକଙ୍କଠାରୁ ବନ୍ଧୁକ ମୁନରେ ନଗଦ ୨୫ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପାଇବା ପରେ କୁଣ୍ଢେଇଗୋଳା ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ସାମିଲ ଥିବା ରେଙ୍ଗାଲୀ ଥାନା ବଜ୍ରକୋଟ ଗ୍ରାମର ପଦ୍ମଚରଣ ନାଏକଙ୍କୁ ଗିରଫ କରି ଗତ ୧୫ ତାରିଖ କୋର୍ଟଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ଏହି ଘଟଣାରେ ଅଧିକ ଖୋଲତାଡ କରି ଗୁରୁବାର ଆଉ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମୁଖ୍ୟ ଅଭିଯୁକ୍ତ କୁଣ୍ଢେଇଗୋଳା ଥାନା ଦଲକ ଗ୍ରାମର ମନୋଜ କୁମାର ନାଏକ (୩୫)ଙ୍କ ସମେତ ବାଗଡିହା ଥାନା ଖମାର ଗ୍ରାମର ଅଭିଷେକ ମହାନନ୍ଦିଆ ଓରଫ ଅମିତ (୩୨), ଛେଣ୍ଡିପଦା ଥାନା କୁରିଆବେଡା ଗ୍ରାମର ବିଜୟ ନାଏକ (୩୬), କୁଣ୍ଢେଇଗୋଳା ଥାନା ବୁଢାପାଳ ଗ୍ରାମର ଜୀବନ ନାଏକ (୨୫), ଗମ୍ଭାରିପାଳ ଗ୍ରାମର ସୁରେଶ ନାଏକ (୪୦) ଏବଂ ଛେଣ୍ଡିପଦା ଥାନା କଇଁଚପଦା ଗ୍ରାମର ବିଜୟ ମହାପାତ୍ର (୩୪)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ପାଖରୁ ଲୁଟ ହୋଇଥିବା ଟଙ୍କାରୁ ୧୫ ହଜାର ଟଙ୍କା ସମେତ ଗୋଟିଏ ହୋଣ୍ଡା ୟୁନିକର୍ନ ବାଇକ ନଂ ଓଡି ୩୫ ସି ୧୮୬୮, ୬ ଟି ମୋବାଇଲ, ୨ଟି ଲୁହା ରଡ ଏବଂ ୨ଟି ବାଉଁଶ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ପଦ୍ମଚରଣ, ମନୋଜ, ଅଭିଷେକ ଏବଂ ଜୀବନଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଥିବା ଜଣାପଡିଛି। କୁଣ୍ଢେଇଗୋଳା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ଦେବଗଡ଼ ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ଏନେଇ ସୂଚନା ଦେଇଛନ୍ତି। କୁଣ୍ଢେଇଗୋଳା ଥାନା ଅଧିକାରିଣୀ ପ୍ରତିଭା ଟପ୍ପୋଙ୍କ ନେତୃତ୍ୱରେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି।



# ଶିଶୁ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ


ଶିଶୁ ଶ୍ରମିକ ନିରୋଧ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ଅତିରିକ୍ତ ଜିଲାପାଳ।

ସମ୍ବଲପୁର,୨୦।୬(ପ୍ରମୋଦ ବହିଦାର)

ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଆନୁକୂଲ୍ୟରେ ଗୁରୁବାର ଶିଶୁ ଶ୍ରମିକ ନିରୋଧ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ୧ମାସ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ପାଇଁ ବାହାରିଥିବା ସଚେତନତା ରଥକୁ ସବୁଜ ପତାକା ଦେଖାଇ ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ବଳଙ୍କ ଅଧ୍ୟକ୍ଷତାରେ ଜିଲା ଶ୍ରମ ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଟାକ୍ସ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିଶୁ ଶ୍ରମିକ ନିରାକରଣ, ଉଦ୍ଧାର ଓ ଥଇଥାନ ନେଇ ବିଶେଷ ଭାବେ ଆଲୋଚନା ହୋଇଥିଲା। ଏଥିରେ ଜିଲା ପ୍ରଶାସନ, ଶ୍ରମ ବିଭାଗ, ପୋଲିସ ପ୍ରଶାସନ, ଶିଶୁ ମଙ୍ଗଳ ସମିତି, ଶିଶୁ ସୁରକ୍ଷା ବିଭାଗ, ଜିଲା ମଙ୍ଗଳ ବିଭାଗ, ଜିଲ୍ଲା ସମାଜ କଲ୍ୟାଣ ବିଭାଗର ପ୍ରତିନିଧି, ଏଡ଼-ଏଟ-ଏକ୍ସନ ସଂସ୍ଥାର ପ୍ରତିନିଧି, ବିଭିନ୍ନ ଶ୍ରମିକ ସଂଗଠନ, ରାଜ୍ୟ ବାର କାଉନସିଲ, ଜିଲା ଶିକ୍ଷା ବିଭାଗ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶ ର ବରିଷ୍ଠ ଅଧିକାରୀ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

